## ସଂକ୍ଷେପରେ

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଦେଓଗାଁ,୧୩।୮
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଅମିତ କୁମାର ସିଂନିନା, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଡ. ଶଶୀଭୂଷଣ ସାହୁ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଜରାସିଂହା ସରପଞ୍ଚ କୁଶମଣି ମେହେରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଜରାସିଂହା, ଚନ୍ଦ୍ରପୁର ଗ୍ରାମ ପରିକ୍ରମା କରି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ବଲାଙ୍ଗୀରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ


ଅଭିଯାନରେ ଜିଲାସ୍ତରୀୟ ଅଧିକାରୀ, ଛାତ୍ରୀଛାତ୍ର ଓ ଜନସାଧାରଣ ସହର ପରିକ୍ରମା କରୁଛନ୍ତି।

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବଲାଙ୍ଗୀରରେ ହର୍ ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ କୋଶଳ କଳାମଣ୍ଡଳ ପଡିଆରୁ କଟୋରୀ ଛକ, ମେନ୍ ମାର୍କେଟ୍, ପାଟଣା ଛକ, ପିପି ଏକାଡେମୀ ଛକ ଓ ଭାଗିରଥି ଛକ ଦେଇ କୋଶଳ କଳା ମଣ୍ଡଳ ପଡିଆ ଯାଏ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଋଷିକେଷ ଦ୍ୟାନଦେଓ ଖିଲାରୀ ଦ୍ୟାନଦେଓ, ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ବଲାଙ୍ଗୀର ଜିଲାର ସମସ୍ତ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ପ୍ରଶାସନ ତରଫରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଲୋକଙ୍କୁ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲାପାଳ ଇସଲୱାର ମଧ୍ୟ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ସହ ତ୍ରିରଙ୍ଗା ପତାକା ସହ ସେଲଫି ଫଟୋ ୱେବ୍‌ସାଇଟରେ ଅପ୍‌ଲୋଡ କରି ଅଭିଯାନକୁ ସଫଳ କରିବା ପାଇଁ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ଆଜିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି, ଶିକ୍ଷା, ସଂସ୍କୃତି ଏବଂ ସୂଚନା ଏବଂ ଲୋକ ସଂପର୍କ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆରପିଏଫ୍ ଯବାନମାନେ ଯୋଗ ଦେଇଥିଲେ।

# ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା


ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯାଉଛନ୍ତି।

ପାଟଣାଗଡ,୧୩।୮
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସି ଓ ବ୍ଲକ ପ୍ରଶାସନର ମିଳିତ ପ୍ରୟାସରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ପାଟଣାଗଡ଼ ଅଞ୍ଚଳର ବୁଦ୍ଧିଜୀବୀ, ଅଙ୍ଗନୱାଡ଼ି କର୍ମୀ, ଛାତ୍ରୀଛାତ୍ର ତଥା ଜନସାଧାରଣ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା ପାଟଣାଗଡ଼ ଏନଏସି ଛକଠାରୁ ବାହାରି ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାୟକ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ୭୮ତମ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଲଗାଇବା ପାଇଁ ଅନୁରୋଧ କରିଛନ୍ତି।

# ସିକୁଆଁ ରାସ୍ତାରେ ଲୁଟ୍ ଉଦ୍ୟମ : ଜଣେ ଅଟକ

ଦେଓଗାଁ,୧୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

## ପୋଲିସର ତଦନ୍ତ ଜାରି

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ରାସ୍ତାରେ ମଙ୍ଗଳବାର ଜଣେ ଯୁବକଙ୍କ ଠାରୁ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ପୋଲିସ ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୨ଟାରେ ସିକୁଆଁ ରାସ୍ତାର ମୁରସିଂହ ନିକଟରେ ଫ୍ଲିପ୍‌କାର୍ଡର ଡେଲିଭରି ଯୁବକ ଶ୍ରୀତମ ସୁନା ଓରଫ ରାଜାଙ୍କୁ ଜଣେ ଦୁର୍ବୃତ୍ତ ମାରଣାସ୍ତ୍ର ଭୟ ଦେଖାଇ ଲୁଟ କରିବାକୁ ଉଦ୍ୟମ କରିଥିଲେ । ଦୁର୍ବୃତ୍ତ ଜଣକ ମାରଣାସ୍ତ୍ରରେ ତାଙ୍କ କାନ୍ଧକୁ ଆକ୍ରମଣ କରିବାରୁ ଶ୍ରୀତମ ଆହତ ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି । ଏନେଇ ଥାନାଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଛି । ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

ଲାଠୋର,୧୩।୮
(ଭୁବନେଶ୍ୱର ବାରିକ)


ପୁସ୍ତମ ମାଝୀ

ବଲାଙ୍ଗୀର ଜିଲା ଲାଠୋର ଥାନା ଜାମଚୁଆଁ ଗ୍ରାମରୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନ ୪ ଟାରେ ତାମିଲନାଡୁ ରାଜ୍ୟରୁ ଏକ ଆମ୍ବୁଲାନ୍ସ ଯୋଗେ ଶ୍ରମିକଙ୍କ ମୃତଦେହ ଘରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଶ୍ରମିକ ଜଣକ ହେଲେ ଶିବ ମାଝୀଙ୍କ ପୁଅ ପୁସ୍ତମ ମାଝୀ(୨୯) । ଶିବ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ପାଟପାଣି ଗ୍ରାମର ମୂଳ ବାସିନ୍ଦା। ୨୦୧୩ ଫେବୃୟାରୀ ୮ ତାରିଖରେ ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ତାଙ୍କ ପୁତୁରା ଶିକ୍ଷକ ଚୈତନ ମାଝିଙ୍କୁ ହତ୍ୟା କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ପରିବାରକୁ ଧମକ ଆସିବାରୁ ସେ ଭୟଭୀତ ହୋଇ ଲାଠୋର ଥାନା ଅଧୀନ ଜାମଚୁଆଁସ୍ଥିତ ନିଜ ଶଶୁର ଘରକୁ ପଳାଇ ଆସି ରହୁଛନ୍ତି । ଏଠାରେ ନିଜର ଜମିବାଡି କିଛି ନ ଥିବା ହେତୁ ମଜୁରି ଲାଗି ଚଳୁଥିଲେ । ନିକଟରେ ତାଙ୍କ ପୁଅ ପୁସ୍ତମ ତାମିଲନାଡୁ ରାଜ୍ୟ ଚେଙ୍ଗାଲପାଟୁ ଜିଲା ଭିଲିଅମବକମଠାରେ ଥିବା ଏକ ଇଟା ଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ସେ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ । ସୋମବାର ଅପରାହ୍ନ ୪ ଟା ବେଳେ ଜଣେ ସାଙ୍ଗଙ୍କ ସହ ଏକ ବାଇକ୍ ଯୋଗେ କୌଣସି କାମରେ ଯାଉଥିବା ବେଳେ ପଛ ପଟୁ ଏକ ଯାତ୍ରୀବାହୀ ବସ୍ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ପୁସ୍ତମଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଚେଙ୍ଗାଲପାଟୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ପରେ ପୁସ୍ତମଙ୍କ ମୋବାଇଲରୁ ତାଙ୍କ ବଡ ଭଉଣୀ ପଦ୍ମା ମାଝିଙ୍କୁ ଘଟଣା ବିଷୟରେ ଜଣାଇ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ । ବ୍ୟବଚ୍ଛେଦ ପରେ ତାଙ୍କ ସମ୍ପର୍କୀୟ ଭାଇଙ୍କ ସହ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିଥିଲେ । ମୃତଦେହ ଘରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସଂପନ୍ନ ହୋଇଛି । ରୋଜଗାରିଆ ପୁଅକୁ ହରାଇ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଡିଜିଟାଲ ସ୍ମାର୍ଟ ବୋର୍ଡରେ ପାଠ ପଢ଼ାଯାଉ


କରୁଆଁଝର ବିଦ୍ୟାଳୟ ସ୍ମାର୍ଟ କ୍ଲାସ୍ ରୁମ୍ କୋଠା।

ଲାଠୋର,୧୩।୮ (ଭୁବନେଶ୍ୱର ବାରିକ)

ସରକାର ଭିତ୍ତିଭୂମି ଥିବା ବିଦ୍ୟାଳୟ ଗୁଡିକୁ ୫- ଟି ଯୋଜନାରେ ସାମିଲ କରି ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଛନ୍ତି। ସେହି କ୍ରମରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରି ୫୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଗତ ଏପ୍ରିଲ ୨୦୨୩ମସିହାରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜିଯାଏ କାମ ସରି ନଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ୧୯୫୯ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ ଦୁଇଟି ନିର୍ମାଣ ହୋଇଥିଲେ ମଧ୍ୟ ସେଠାରେ ପାଠ ପଢିବା ପାଇଁ ଡିଜିଟାଲ ସ୍ମାର୍ଟ ବୋର୍ଡ ଲଗାଯାଇ ନାହିଁ। ବିଜ୍ଞାନ ପରୀକ୍ଷାଗାର ପାଇଁ କୋଠରୀ ନିର୍ମାଣ ହୋଇଛି । ହେଲେ କୌଣସି ପ୍ରକାର ଆବଶ୍ୟକ ସାମଗ୍ରୀ ଦିଆଯାଇ ନାହିଁ । ସେହିପରି ଛାତ୍ରୀଛାତ୍ରମାନଙ୍କ ପାଇଁ ଟଏଲେଟ ନିର୍ମାଣ କରି ସେଠାରେ ସିଟ ବସା ନ ଯାଇ ତାଲା ପକାଇ ରଖାଯାଇଛି। ଛାତ୍ରୀଛାତ୍ର ନା ନା ସମସ୍ୟା ମଧ୍ୟରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏନେଇ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କୁ ପଚାରିବାରେ ବିଦ୍ୟାଳୟରେ ଚାଲିଥିବା କାମ ଶୀଘ୍ର ଶେଷ କରିବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ବାରମ୍ବାର କହୁଛୁ । ହେଲେ କାମରେ ଅଗ୍ରଗତି ହେଉନାହିଁ ବୋଲି ସେ କହିଛନ୍ତି। ଏଥିପ୍ରତି ଖପ୍ରାଖୋଲ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

### ସେମାନେ ଯାହା କୁହନ୍ତି

୫-ଟି ଯୋଜନାରେ ସାମିଲ ଥିବା ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଡିଜିଟାଲ ସ୍ମାର୍ଟ ବୋର୍ଡରେ ପାଠ ପଢୁଥିବା ବେଳେ ଆମେ ସେହି ସୁବିଧାରୁ ବଞ୍ଚିତ ରହିବା ଦୁଃଖର ବିଷୟ।

**- କାଜଲ ବାଗ, ଦଶମ ଶ୍ରେଣୀ ଛାତ୍ରୀ**

ବିଜ୍ଞାନ ପରୀକ୍ଷାଗାର ପାଇଁ କୋଠରୀ ପ୍ରସ୍ତୁତ ଥିଲେ ମଧ କୌଣସି ପ୍ରକାର ଆବଶ୍ୟକ ସାମଗ୍ରୀ ଦିଆଯାଇ ନ ଥିବା ଯୋଗୁ ଆମ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି।

**- ସୁଶାନ୍ତ ବରିହା, ଦଶମ ଶ୍ରେଣୀ ଛାତ୍ର**

ବିଦ୍ୟାଳୟରେ ଟଏଲେଟ୍ ନିର୍ମାଣ ହୋଇଛି ସତ, ହେଲେ ସିଟ ନ ବସାଇ ତାଲା ପକାଇ ଥିବାରୁ ବିଶେଷ କରି ଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**- ମାନସ ଭୋଇ, ଦଶମ ଶ୍ରେଣୀ ଛାତ୍ର**

# 'ବୈଜ୍ଞାନିକ ଦୃଷ୍ଟିକୋଣ ଅନ୍ଧବିଶ୍ୱାସ ଦୂର କରିବ'

ବଲାଙ୍ଗୀର,୧୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ଶନିବାର ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ 'ଅନ୍ଧବିଶ୍ୱାସ ପ୍ରତି ସାମାଜିକ ସଚେତନତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରଚନା ସଦସ୍ୟା ସସ୍ମିତା ନେପାକଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ସାତ୍ତ୍ୱିକ ଆଚାର୍ଯ୍ୟ, ପିପି ଏକାଡେମୀର ଶିକ୍ଷୟିତ୍ରୀ ଧନବନ୍ତୀ ବରିହା, ଭୀମଭୋଇ ମେଡିକାଲ କଲେଜ ଶିଶୁରୋଗ ବିଭାଗର ଡା. ନିହାର ପଟ୍ଟନାୟକ ଓ ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ଆଲୋଚକ ଭାବେ ଯୋଗ ଦେଇଥିଲେ। ଅନ୍ଧବିଶ୍ୱାସରୁ ମୁକ୍ତି ପାଇଁ ବୈଜ୍ଞାନିକ ଦୃଷ୍ଟିକୋଣ ନିହାତି ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ସାମ୍ନା କରୁଥିବା ବିଭିନ୍ନ ଅନ୍ଧବିଶ୍ୱାସ ଓ ଏହାର କୁପରିଣତି ତଥା ସାଧାରଣ ଜନତା ସାମ୍ନା କରୁଥିବା ବିଭିନ୍ନ ଅନ୍ଧବିଶ୍ୱାସର ଉଦାହରଣ ଦେଇ ବକ୍ତାମାନେ ଆଲୋଚନା କରିଥିଲେ। ନିକଟରେ ବଲାଙ୍ଗୀର ଜିଲାରେ ଜଣେ ଯୁବତୀଙ୍କୁ ସୁସ୍ଥ କରିବାକୁ ଯାଇ ଛୁଞ୍ଚ ଫୋଡିବା ଭଳି ଅଭାବନୀୟ ଘଟଣା ଯାହାକି ଅନ୍ଧବିଶ୍ୱାସର ଏକ ଭୟଙ୍କର ପରିଣତି। ଏହିପରି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଗ୍ରାମାଞ୍ଚଳରେ ସଚେତନତା ଜରୁରୀ ବୋଲି ସମସ୍ତେ ଏକମତ ହୋଇଥିଲେ। ବଲାଙ୍ଗୀର ସହରର ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ଓ ମହିଳା ଯୋଗ ଦେଇଥିଲେ। ରଚନାର ସଭାପତି ସନାତନ ଠାକୁର ଓ ସମ୍ପାଦକ ଭାଗିରଥି ମିଶ୍ର ଉପସ୍ଥିତ ଥିଲେ। ଶେଷରେ ରଚନା ସହ ସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ରଚନା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

# ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଲୋଇସିଂହା,୧୩।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ବିବିଧ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ସହକାରୀ ଶିକ୍ଷୟିତ୍ରୀ ସହକର୍ମୀ ଏବଂ ଛାତ୍ରଙ୍କୁ ନେଇ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏହାଛଡା ପ୍ରକୃତିବନ୍ଧୁ ଶିକ୍ଷକ ଭକ୍ତବନ୍ଧୁ ନାଏକଙ୍କ ନେତୃତ୍ୱରେ ସହକର୍ମୀ ଏବଂ ଛାତ୍ରଙ୍କୁ ନେଇ ସ୍କୁଲରୁ ବରଗଡ-ବଲଙ୍ଗୀର ୨୬ ନଂ ଜାତୀୟ ରାଜପଥ ପଦ୍ମପୁର ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ନିଶା ଓ ତମାଖୁ ସେବନ ଦ୍ୱାରା କିପରି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଛି, ପାରିବାରିକ ହିଂସା ଘଟୁଛି ଓ ଧନଜୀବନ ହାନୀ ହେଉଛି ସେ ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ଜନ ଜାଗରଣ କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

# ରାଜରାସ୍ତାରେ ତ୍ରିରଙ୍ଗା ଶୋଭାଯାତ୍ରା

ଟିଟିଲାଗଡ,୧୩।୮ (ଶରତ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘର ଘର ତ୍ରିରଙ୍ଗା ଆହ୍ୱାନ କ୍ରମେ ମଙ୍ଗଳବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ରାଜରାସ୍ତାରେ ନେତା, ପ୍ରଶାସକଙ୍କ ବିଶାଳ ତ୍ରିରଙ୍ଗା ପତାକା ଶୋଭାଯାତ୍ରା କରାଯାଇଥିଲା । ଦେଶଭକ୍ତି ଗୀତର ତାଳେ ତାଳେ ତ୍ରିରଙ୍ଗା ପତାକା ହାତରେ ଧରି ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଉପଜିଲାପାଳ ରେହାନ ଖତ୍ରୀ, ପୌରାଧ୍ୟକ୍ଷା ମମତା ଜୈନ, ବଲାଙ୍ଗୀରର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଏସଡ଼ିପିଓ ଅଙ୍କିତା କୁମ୍ଭାର , ସରକାରୀ ଅଧିକାରୀ,କର୍ମଚାରୀ, ବୁଦ୍ଧିଜୀବୀ ଓ ଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟ ଆକର୍ଷଣ ପାଲଟିଥିଲା ଶୋଭାଯାତ୍ରାରେ ସାମିଲ ଥିବା ୩୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ବିଶାଳ ତ୍ରିରଙ୍ଗା । ଶୋଭାଯାତ୍ରା ପୂର୍ବରୁ ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ମାତାଙ୍କ ଫୋଟୋ ଚିତ୍ରରେ ବିଧାୟକ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସୈନିକ ସନ୍ତୋଷ ମହାନ୍ତି, ବିଜୟ ରାଉତରାୟ, ନାରାୟଣ ପାନୁଆ, ମୋହନଲାଲ ଶର୍ମା, ଗଣେଶ ବେହେରା, ଟଙ୍କଧର ସାହୁ, ଅଶ୍ୱିନୀ ହୋତା, ପ୍ରଶାନ୍ତ ବେହେରା, ଶଚିକାନ୍ତ ବେହେରାଙ୍କୁ ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ,.ମନୋଜ ଜୈନ, ଟିନୁ ଅଗ୍ରୱାଲ, ଭୁବନେଶ୍ୱର ପଟ୍ଟନାୟକ, ସୁନିତା ଦାଶ, ସରୋଜା ଥାନାପତି, ସୁମିତ୍ରା ନାଗ, ଇଂ ଅମ୍ଳାନ ଷଡ଼ଙ୍ଗୀ, ହରି ନାଗ, ଅଶୋକ ଭୋଇ, ଲିଙ୍ଗରାଜ ନାୟକ, ସୁଧୀର ଘଡେଇ, ନୀତେଶ ଜୈନ, ସରପଞ୍ଚ ପୃଥୀରାଜ ଚିନାଗୁନ, କେଶବ ଆଡ଼ୁଆଡ଼, ଖାଜ ମହମ୍ମଦ, ନରେଶ ରାଜପାଳିଆ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ପୌରନିର୍ବାହୀ ଅଧିକାରୀ ଜୟସେନ ଧରୁଆ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଈଶ୍ୱର ରାଓଙ୍କ ସମେତ ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ତଥା ସମସ୍ତ ପୌର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ବିଧାୟକ ଓ ଅନ୍ୟମାନେ ।

# ଜିଲା ପରିଷଦ କାର୍ଯ୍ୟାଳୟରେ ସଭାପତିଙ୍କୁ ମିଳୁନି ଚାମ୍ବର

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

## ଜିଲା ପରିଷଦ ସିଇଓଙ୍କୁ ଚିଠି ଲେଖି ଜଣାଇଥିଲେ ସଭାପତି

ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟାଳୟରେ ସଭାପତିଙ୍କୁ ଚାମ୍ବର ମିଳୁନାହିଁ। ଏକଥା ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଚିଠି ଲେଖି ଅବଗତ କରିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ଜିଲା ପରିଷଦ କାର୍ଯ୍ୟାଳୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜିଲା ମୁଖ୍ୟଙ୍କ ପାଇଁ ଅଫିସ ଚାମ୍ବର ନ ଥାଇ କିଭଳି କାର୍ଯ୍ୟ ଚାଲିଛି ତାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

୨୦୨୨ ମସିହାରେ ଜିଲା ପରିଷଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ରାଜ୍ୟ ସରକାର ଡିଆରଡିଏ କାର୍ଯ୍ୟାଳୟକୁ ଜିଲା ପରିଷଦ କାର୍ଯ୍ୟାଳୟ ସହ ସଂଲଗ୍ନ କରିଦେଇଥିଲେ। ସରକାର ୨୦୨୨ରେ ଗେଜେଟ ନୋଟିଫିକେଶନ କରି ଜିଲା ପରିଷଦ ଅଧୀନରେ ଜିଲାପାଳଙ୍କୁ ଜିଲା ପରିଷଦ ସିଇଓ ଏବଂ ଡିଆରଡିଏ ପିଡିଙ୍କୁ ଚିଫ୍ ଡେଭଲପମେଣ୍ଟ ଅଫିସର ଭାବେ ଅବସ୍ଥାପିତ କରିଥିଲେ। ଏହାସହିତ ଡିଆରଡିଏର ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଜିଲା ପରିଷଦ ଅଧୀନରେ ରଖିଥିଲେ। ଡିଆରଡିଏ କାର୍ଯ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ଜିଲା ପରିଷଦ କାର୍ଯ୍ୟାଳୟ କରାଯାଇଥିଲା। ବଲାଙ୍ଗୀର ଡିଆରଡିଏ ଅଫିସରେ ମଧ୍ୟ ଜିଲା ପରିଷଦ କାର୍ଯ୍ୟାଳୟ ଲେଖାଯାଇଥିଲା। କିନ୍ତୁ ଦୁଇବର୍ଷ ପରେ ମଧ ଉକ୍ତ କୋଠାରେ ଜିଲା ପରିଷଦ ମୁଖ୍ୟ ସଭାପତିଙ୍କ ପାଇଁ ଅଫିସ ଚାମ୍ବର ବ୍ୟବସ୍ଥା କରା ନ ଯିବାରୁ ସଭାପତି ସାହୁ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ବଲାଙ୍ଗୀର ପୁରୁଣା ଡିଆରଡିଏ କାର୍ଯ୍ୟାଳୟ ବା ଏବର ଜିଲା ପରିଷଦ କାର୍ଯ୍ୟାଳୟରୁ ପ୍ରାୟ ୪୦୦ ମିଟର ଦୂରରେ ଜିଲା ପରିଷଦ କାର୍ଯ୍ୟାଳୟ ରହିଥିଲା। ସେଠାରେ ଜିଲା ପରିଷଦ ସଭାପତି ବସୁଥିବାରୁ କୌଣସି ଅଫିସ କାର୍ଯ୍ୟ ଠିକ୍ ଭାବେ ତଦାରଖ କରିପାରୁ ନ ଥିଲେ। ଫଳରେ ଉକ୍ତ ଜିଲା ପରିଷଦ କାର୍ଯ୍ୟାଳୟ ନାମକୁ ମାତ୍ର ପରିଷଦ ସଭ୍ୟାସଭ୍ୟଙ୍କ ବିଶ୍ରାମଗାର ଭାବେ ବ୍ୟବହାର ହେଉଥିଲା। ଜିଲା ପରିଷଦ କାର୍ଯ୍ୟାଳୟରେ ଜିଲା ପରିଷଦ ସଭାପତିଙ୍କ ଚାମ୍ବର ରହିବାର ନିୟମ ରହିଥିଲେ ମଧ୍ୟ ବଲାଙ୍ଗୀରରେ ଏହାର ବ୍ୟତିକ୍ରମ ଦେଖାଦେଇଥିବାରୁ ସଭାପତିଙ୍କୁ ଭେଟିବାକୁ ଆସୁଥିବା ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାବାଦ୍ ସରକାରୀ ଅଫିସ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ତଦାରଖ କରାଯାଇପାରୁ ନ ଥିବା ସଭାପତି ସାହୁ କହିଛନ୍ତି। ବଲାଙ୍ଗୀର ଜିଲା ପରିଷଦ ସଭାପତି ସାହୁ ଗତ ୯ ନଭେମ୍ବର ୨୦୨୨ରେ ତାଙ୍କ ପତ୍ରସଂଖ୍ୟା-୨୧୫ରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖିଥିଲେ। ସେତେବେଳେ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଜିଲାପାଳ ଜିଲା ପରିଷଦ ସଭାପତିଙ୍କ ପାଇଁ ପିଅନ, ଷ୍ଟେନୋ ଓ ଅନ୍ୟ ସହାୟକ କର୍ମଚାରୀ ନିଯୁକ୍ତି କରିଥିଲେ। ୨୦୨୩ ମସିହା ଏପ୍ରିଲ ୧୧ ତାରିଖରେ ସଭାପତି ସାହୁ ପୁଣିଥରେ ତାଙ୍କ ପତ୍ରସଂଖ୍ୟା-୧୭୫୩ରେ ଜିଲାପାଳ ତଥା ଜିଲା ପରିଷଦ ସିଇଓଙ୍କୁ ସଭାପତି ଚାମ୍ବର ପାଇଁ ଚିଠି କରିଥିଲେ। କିନ୍ତୁ ଜିଲା ପରିଷଦ କାର୍ଯ୍ୟାଳୟରେ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଫିସ ଚାମ୍ବର ଦିଆଯାଇନାହିଁ। ନୂଆ ଚାମ୍ବର ନିର୍ମାଣ କରି ସଭାପତିଙ୍କୁ ଦିଆଯିବ ବୋଲି ତତ୍କାଳୀନ ସିଇଓ କହିଥିଲେ। ଇତିମଧ୍ୟରେ ନୂଆ ଚାମ୍ବର ନିର୍ମାଣ ପରେ ମଧ୍ୟ ସଭାପତିଙ୍କୁ ଚାମ୍ବର ନ ଦିଆଯିବାରୁ ଗତ ଜୁଲାଇ ୧୮ ତାରିଖରେ ସଭାପତି ସାହୁ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳ ତଥା ଜିଲା ପରିଷଦର ସିଇଓ ଗୌରବ ଶିୱାଜୀ ଇସଲୱାରଙ୍କୁ ପତ୍ରସଂଖ୍ୟା-୨୪୨୬ରେ ପୁଣି ଥରେ ଚିଠି କରିଛନ୍ତି। ଗତ ଦୁଇଦିନ ତଳେ ଜିଲା ପରିଷଦ କାର୍ଯ୍ୟାଳୟର ହେଡକ୍ଲର୍କ ଓ ଅନ୍ୟ କର୍ମଚାରୀମାନେ ଜିଲା ପରିଷଦ ସଭାପତିଙ୍କ ନେମପ୍ଲେଟ ଲଗାଇବାକୁ ଗଲାବେଳେ ମନା କରାଯାଇଥିବା ଅଭିଯୋଗ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ରିଂ ହେବା ସତ୍ତ୍ୱେ ଫୋନ୍ ଉଠାଇ ନ ଥିବାରୁ ଏ ନେଇ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଦୁର୍ଜନତେଲା ପଞ୍ଚାୟତ ଅନ୍ତର୍ଗତ ଦାଦରପାଲି ଗ୍ରାମରେ ମଙ୍ଗଳବାର ପୋଖରୀରେ ଗଧୋଇଲା ବେଳେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର କଇଁତା ପ୍ରଧାନ(୪୭)। ସକାଳେ କଇଁତା ଚାଷ କାମ କରିବାକୁ ତାଙ୍କ ଜମିକୁ ଯାଇଥିଲେ। ମଧ୍ୟାହ୍ନରେ ଚାଷ କାମ ପରେ ସେ ମହାକୁରମୁଣ୍ଡା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇଲା ବେଳେ ପାଣିରେ ବୁଡି ଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ମୃତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

### ରକ୍ତଦାନ ଶିବିର

ବିନିକା, ୧୩।୮ ( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ଭରସା ପରିବାର ତରଫରୁ ମଙ୍ଗଳବାର ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ସ୍ପୋର୍ଟ୍ସ କ୍ଲବଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଶିବିରକୁ ବିନିକା ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇ, ଯୁବ ଉଦ୍ୟୋଗୀ ପ୍ରଦୀପ ହୋତା, ସ୍ପୋର୍ଟ୍ସ କ୍ଲବ ଉପସଭାପତି ବୁଲୁ ଦଣ୍ଡିଆ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୁର୍ଲା ବ୍ଲଡ଼ ବ୍ୟାଙ୍କର ଡ଼.ସତ୍ୟଜିତ ତ୍ରିପାଠୀ, ଷ୍ଟାଫ ମଣ୍ଟୁ ପଧାନ, ଗଣେଶ ପଧାନ, ଜନକ ବେହେରା ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଦଣ୍ଡ କଳାକାର ଚୁନି ବଗର୍ତ୍ତୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭରସା ପରିବାରର ମୁଖ୍ୟ ବିନାୟକ ଦ୍ୱାରି, ଲକ୍ଷ୍ମଣ ପାତ୍ର, ମୁକେଶ ବଗର୍ତ୍ତୀ, ହିମାଂଶୁ ଶେଖର ପୁଟେଲ, ଅକ୍ଷୟ ସାହୁ, ଜୟକୃଷ୍ଣ ସାହୁ, ମାନସ ଦଣ୍ଡସେନା, ବିଜେ ସାମଲ, ସନାତନ ବରାଖୁଣ୍ଟିଆ, ନମ୍ରତା କ୍ଷେତ୍ରି, ରାମ ଗୋପାଳ ବାଘ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଅଧ୍ୟୟନ, ଅଧ୍ୟବସାୟ କଲେ ସଫଳତା ମିଳେ

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ଶିକ୍ଷାନୁଷ୍ଠାନ ଏକ ମଣିଷ ଗଢୁଥିବା କାରଖାନା । ଏଠାରେ ଶିକ୍ଷକମାନେ ଉତ୍ତମ ମଣିଷ ଗଢି ଏକ ସୁସ୍ଥ ସମାଜ ଗଠନ କାରିବା ପ୍ରଚେଷ୍ଟା କରିଥାନ୍ତି। ଉଭୟ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଚରିତ୍ରବାନ ଓ ପ୍ରତିଭାବାନ ଛାତ୍ର ସୃଷ୍ଟି ହେବା ସହିତ ସମାଜ ପାଇଁ ହିତ ସାଧନା ହୋଇଥାଏ। ସୋମବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବ୍ଲକ କଳାପଥର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଓ ସ୍ୱାଗତ ଉତ୍ସବରେ ଅତିଥିମାନେ ଏହି ମତ ରଖିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ କାର୍ଯ୍ୟକ୍ରମରେ



କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବରେ ଅତିଥିମାନେ।

ସଭାପତିତ୍ୱ କରି ବିଦ୍ୟାଳୟର ଇତିହାସ, ନୀତିନିୟମ ବିଷୟରେ କହିବା ସହିତ ନିୟମାନୁବର୍ତ୍ତିତା, ନୈତିକ ଶିକ୍ଷା ଓ ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ। ଶୃଙ୍ଖଳିତ ଅଧ୍ୟୟନ ଓ ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର ବୋଲି ମତ ଦେଇଥିଲେ। ଅଧ୍ୟାପକ କିଶୋର ସାହୁ ପାଠ୍ୟସୂଚୀ ଓ ପରୀକ୍ଷା ପଦ୍ଧତି ଉପରେ ଆଲୋଚନା କରିଥିବା ବେଳେ ଅଧ୍ୟାପିକା ପ୍ରତିମା ବାରିକ ଶିକ୍ଷାନୁଷ୍ଠାନକୁ ର୍‍ୟାଗିଂମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ।

### କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ପୁରାତାନ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ ନିଜ ନିଜର ଅନୁଭୂତି ବର୍ଣ୍ଣନା କାରିଥିଲେ। ନୂତନ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ଶିକ୍ଷାନୁଷ୍ଠାନର ସମସ୍ତ ନୀତିନିୟମ ମାନି ଚଳିବା ସହିତ ଭଲ ପାଠ ପଢି ନାଁ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପିକାଅଧ୍ୟାପକ ଅଭିଭାଷଣ ରଖିଥିଲେ। ଅଧ୍ୟାପିକା ଦେବଯାନୀ ମେଶ୍ରଆ ସ୍ୱାଗତ ଭାଷଣ ଓ ଦିବ୍ୟଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁର ସହରରେ ତ୍ରିରଙ୍ଗା ଯାତ୍ରା



ସୁବର୍ଣ୍ଣପୁର ସହରରେ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ଜନସାଧାରଣ।

ସୋନପୁର, ୧୩।୮ (ମୃତ୍ୟୁଞ୍ଜୟ ଶତପଥୀ)

ଦେଶ ମାତୃକା ଓ ବୀର ସଂଗ୍ରାମୀଙ୍କ ପ୍ରତି ସମ୍ମାନ ଜଣାଇ ସୁବର୍ଣ୍ଣପୁର ସହରରେ ମଙ୍ଗଳବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ସୁରେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲା। ପରେ ଏହି ଶୋଭାଯାତ୍ରା ଥନାପତିପଡା, ଦୁର୍ଗାମଣ୍ଡପ ଓ ବିଜୁ ପଟ୍ଟନାୟକ ଛକ ଦେଇ ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସରକାରଙ୍କ ଆହ୍ୱାନ କ୍ରମେ ରାଷ୍ଟ୍ରଭକ୍ତି ଭାବନା ସହ ସମସ୍ତେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ ପୌର ପ୍ରଶାସନ ପକ୍ଷରୁ ସଚେତନ ସୃଷ୍ଟି କରାଯାଇଥିଲା। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ୍, ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପୌର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, ସମସ୍ତ କାଉନସିଲର, ପୌର କର୍ମଚାରୀ, ସ୍ୱଚ୍ଛ ସାଥି, ସୁପରଭାଇଜର, ପରିମଳ କର୍ମଚାରୀ ଓ ଜନସାଧାରଣ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ



ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଉପଖଣ୍ଡ ଚିକିତ୍ସାଳୟ ଓ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ ୟୁନିଟର ମିଳିତ ଆନୁକୂଲ୍ୟରେ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ମହାବିଦ୍ୟାଳୟ କର୍ମଚାରୀଙ୍କୁ ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ ପାଇଁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଡାକ୍ତରଖାନା ମେଡିକାଲ ଅଫିସର ଡ଼. ମାନସ କୁମାର ନାୟକ, ସ୍ୱାସ୍ଥ୍ୟକର୍ମୀ ଭାମାବତୀ ହାତୀ, ସୋସିଆଲ ମୋବିଲାଇଜର ସଞ୍ଜୀବ ସିଂ, ଏନଡିଏ ଜିଲା କାର୍ଯ୍ୟକର୍ତ୍ତା ଜବକିମସନ ପଧାନ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଏନଏସଏସ କାର୍ଯ୍ୟକ୍ରମ ସଞ୍ଚାଳିକା ଯାମିନୀ ଦାଶଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟରେ ଔଷଧ ସେବନ କରାଯାଇଥିଲା। ଔଷଧ ସେବନ କରି ଫାଇଲେରିଆ ରୋଗର ମୂଳୋତ୍ପାଟନ କରାଯାଇ ପାରିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ହିମାଂଶୁ ଶେଖର ପାଢ଼ୀ, ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ। ଅଧ୍ୟାପକ ନରେନ୍ଦ୍ର ଝା, ପ୍ରଭାତ ପୁରୋହିତ ପ୍ରମୁଖ ଫାଇଲେରିଆ ଔଷଧର କୌଣସି କୁପ୍ରଭାବ ନାହିଁ ବୋଲି ବୁଝାଇଥିଲେ। ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଔଷଧ ସେବନ କରିଥିଲେ।

### ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଜିଲାପାଳଙ୍କୁ ସ୍ୱାଗତ

ବୌଦ୍ଧ, ୧୩।୮ ( ଅଜିତ କୁମାର ବାରିକ)

ବୌଦ୍ଧରେ ନୂତନ ଜିଲାପାଳ ଭାବେ ଯୋଗ ଦେଇଥିବା ସୁବ୍ରତ କୁମାର ପଣ୍ଡାଙ୍କୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ମଙ୍ଗଳବାର ଦିନ ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର ଓ ସଂପାଦକ ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲାପାଳ ପଣ୍ଡା ଜିଲାର ବିକାଶ ପାଇଁ ଗଣମାଧ୍ୟମ ଓ ପ୍ରଶାସନ ଭିତରେ ସମନ୍ୱୟ ରହିବା ଆବଶ୍ୟକ ବୋଲି ପ୍ରକାଶ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ସଂଘ ପକ୍ଷରୁ ମନୋରଞ୍ଜନ ଦାଶ, ଦେବାଶିଷ ପୁରୋହିତ, କୃଷ୍ଣଗୋପାଳ ମେହେର, ଅଲେଖିକା ପୃଷ୍ଟି,ସଜ୍ଜନ ଅଗ୍ରୱାଲା, ରବିନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ବାଘ, ସମ୍ପଦ କୁମାର ଅଗ୍ରୱାଲା, ପ୍ରିୟବ୍ରତ ସାହୁ, ଧବଳେଶ୍ୱର ମହାପାତ୍ର, ପ୍ରତାପ କୁମାର ମହାପାତ୍ର ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମିଲେଟ କାଫେ ଉଦ୍‌ଘାଟିତ



ଅତିଥି ମାଣ୍ଡିଆ କାଫେକୁ ଉଦ୍‌ଘାଟନ କରୁଛନ୍ତି।

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲଶ ବୀରମହାରାଜପୁର ବ୍ଲକ ବସ୍‌ଷ୍ଟାଣ୍ଡଠାରେ ନୂତନ ଭାବେ ଏକ ମିଲେଟ କାଫେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରଥିପଡ଼ାର ମା' ନାରାୟଣୀ ମହିଳା ସ୍ୱୟଂ ସହାୟିକା ଦାରା ପରିଚାଳିତ ହେବାକୁ ଥିବା ଉକ୍ତ କାଫେକୁ ସ୍ଥାନୀୟ ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଠାରେ ମାଣ୍ଡିଆରୁ ପ୍ରସ୍ତୁତ ପାରମ୍ପରିକ, ହାତତିଆରି ଖାଦ୍ୟ ପ୍ରସ୍ତୁତ ହେବ। ଓଡ଼ିଶା ସରକାର ଙ୍କ ମିଶନ ଶକ୍ତି ତଥା ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ ଏହା କରାଯାଇଛି ।

# ଜିଲା ପ୍ରଶାସନ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ବୌଦ୍ଧ, ୧୩।୮ ( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ପ୍ରଶାସନ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ତିନୋଟି ବ୍ଲକରେ ୪୫ ହଜାର, ବୌଦ୍ଧ ଏନଏସିରେ ୫ ହଜାର ଓ ଜିଲା ସୂଚନା ଲୋକସମ୍ପର୍କ ବିଭାଗ ଜରିଆରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କର୍ମଚାରୀମାନଙ୍କୁ ୧୦ ହଜାର ତ୍ରିରଙ୍ଗା ବଣ୍ଟନ କରାଯାଇଛି। ମଙ୍ଗଳବାର ସକାଳୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର,ସରକାରୀ କର୍ମଚାରୀ, ବୁଦ୍ଧିଜୀବୀଙ୍କ ଦ୍ୱାରା ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ଜିଲା ସୂଚନା ଓ ଲୋସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ହାତରେ ତ୍ରିରଙ୍ଗା ଧରି ଏଥିରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଜିଲା ଷ୍ଟାଡିୟମ ନିକଟରୁ ବାହାରି ମୁଖ୍ୟ ଡାକଘର ଛକ, ଶ୍ରୀଜଗନ୍ନାଥ ମନ୍ଦିର, ଗୋପବନ୍ଧୁ ଛକ, ଗାନ୍ଧୀଛକ, ବାଘଗୁଡା ଛକ ଓ ବ୍ରାହ୍ମଣ ସାହି ଦେଇ ପୁନର୍ବାର ଜିଲା ଷ୍ଟାଡିୟମଠାରେ ଶେଷ ହୋଇଥିଲା। ସେହିପରି ଅପରାହ୍ନରେ ତ୍ରିରଙ୍ଗା ପତାକା ସହିତ ଏକ ବାଇକ୍ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ଛକଠାରୁ ବାହାରି ସହର ପରିକ୍ରମା କରିଥିଲା। ସ୍ୱାଧୀନତା ଦିବସ ପାଇଁ ଅନୁଷ୍ଠିତ ଅଭ୍ୟାସ ପରେଡରେ ସମ୍ମିଳିତ ଛାତ୍ରୀଛାତ୍ର ଓ ପୋଲିସ କର୍ମଚାରୀମାନେ ହାତରେ ତ୍ରିରଙ୍ଗା ଧରି ସାମିଲ ହୋଇଥିଲେ। ସ୍ୱାଧୀନତା ଦିବସ ପାଇଁ ସମ୍ପୂର୍ଣ୍ଣ ବୌଦ୍ଧ ଜିଲା ତ୍ରିରଙ୍ଗା ଉତ୍ସବରେ ସାମିଲ ହୋଇଛି। ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ସହିତ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ନୂତନ ଜିଲାପାଳ ଆହ୍ୱାନ କରିଛନ୍ତି।



ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା।

# ଜିଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ



ଜିଲାପାଳଙ୍କ ଖବରଦାତା ସମ୍ମିଳନୀ।

### ନୂତନ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ

ବୌଦ୍ଧ, ୧୩।୮ (ଅଜିତ କୁମାର ବାରିକ)

ବୌଦ୍ଧର ନୂତନ ଜିଲାପାଳ ଭାବେ ସୁବ୍ରତ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାରଅପରାହ୍ନରେଏକଖବରଦାତା ସମ୍ମିଳନୀ କରି ଆଲୋଚନା କରଛନ୍ତି। ଏହି ଅବସରରେ ସାମ୍ବାଦିକମାନେ ଜିଲାରେ ଶିକ୍ଷା,ସ୍ୱାସ୍ଥ୍ୟ,ପରିମଳ ବ୍ୟବସ୍ଥା, ପାନୀୟଜଳ, ଗମନାଗମନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସହିତ ପର୍ଯ୍ୟଟନର ବିକାଶ ନେଇ ଜିଲାପାଳ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟା ଓ ବିକାଶ କ୍ଷେତ୍ରରେ ରହିଥିବା ସମ୍ଭାବନା ସମ୍ପର୍କରେ ସମୀକ୍ଷା କରାଯିବା ପରେ ପର୍ଯ୍ୟାୟକ୍ରମେ ତାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏହି ଅବସରରେ ଜିଲାପାଳ ପଣ୍ଡା ଜିଲାର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଗଣମାଧ୍ୟମ ହେଉଛି ପ୍ରଶାସନର ଆଖି। ଗଣମାଧ୍ୟମ ଜରିଆରେ ଲୋକଙ୍କ ସମସ୍ୟା ସମ୍ପର୍କରେ ଜାଣିବାକୁ ସୁଯୋଗ ମିଳିଥାଏ ବୋଲି ଜିଲାପାଳ କହିବା ସହିତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ନିଜର ସାଧ ମୁତାବକ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଉତ୍କଳ ବାଳାଶ୍ରମରେ ଅଙ୍ଗଦାନ ଦିବସ ପାଳିତ



ଦିବସ ପାଳନ ଅବସରରେ ଅତିଥିମାନେ।

ସୋନପୁର, ୧୩।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଉତ୍କଳ ବାଳାଶ୍ରମରେ ଭାରତୀୟ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବାଳାଶ୍ରମର ଅଧ୍ୟକ୍ଷା ମାଳତୀ ଜେନାଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ବସୁମତୀ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟ ଶାନ୍ତନୁ କର୍ଣ୍ଣ ଏବଂ ହେମନ୍ତ ସା ଯୋଗଦାନ କରି ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସୀ ଭୋଇ ପ୍ରଥମ, ଇପ୍‌ସିତା ଷାଣ୍ଢ ଦ୍ୱିତୀୟ ଓ ମାନିନୀ କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍କଳ ବାଳାଶ୍ରମର ଗୃହ ମା ସୁଜାତା ମୟୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ହିନ୍ଦୁଙ୍କ ସୁରକ୍ଷା ଦାବି କଲା ବିଶ୍ୱହିନ୍ଦୁ ପରିଷଦ

ବୌଦ୍ଧ, ୧୩।୮ (ଅଜିତ କୁମାର ବାରିକ)

ବୌଦ୍ଧ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଂଲାଦେଶରେ ରହୁଥିବା ହିନ୍ଦୁମାନଙ୍କ ସୁରକ୍ଷା ଦାବି କରି ଏକ ଦାବିପତ୍ର ମଙ୍ଗଳବାର ଦିନ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବାଂଲାଦେଶରେ ହିନ୍ଦୁ ସମାଜକୁ ଉତ୍ପୀଡନରୁ ରକ୍ଷା କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ, ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଓ ଭାରତକୁ ପ୍ରବେଶ କରୁଥିବା କଠୋରପନ୍ଥୀଙ୍କୁ ରୋକିବା ପାଇଁ ଭାରତର ସୀମା ସୁରକ୍ଷା ବାହିନୀ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ବିଶ୍ୱହିନ୍ଦୁ ପରିଷଦର ସଂପାଦକ କୃଷଚନ୍ଦ୍ର ମିଶ୍ର, ବଜରଙ୍ଗ ଦଳ ସଂଯୋଜକ ସଞ୍ଜୀବ ସାହୁ, ବିରେନ୍ଦ୍ର ସାହୁ, ହେମନ୍ତ ଚମ୍ପତି, ମିଥୁନ ନାଏକ, ଅଭିଜିତ ମହାପାତ୍ର, ଆକାଶ ବେହେରା, ସତ୍ୟବାଦୀ ପାତ୍ର, ସିପୁନ ସାହୁ, ପ୍ରଦିପ ଦାସ ଓ ଶରତ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଉଦ୍‌ଘାଟିତ

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ରେ ମଙ୍ଗଳବାର ଏକ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସମବାୟ ସମିତି ସମ୍ପାଦିକା ଝରଣା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ଅଧିକାରୀ ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି ଓ ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସହଦେ ଶତପଥି ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଦାନନ୍ଦ ସାହୁ ସଭା ପରିଚାଳନା କରିଥିଲେ। ପ୍ରମୋଦ ଦୀପ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମବାୟ ସମିତି ଦ୍ୱାରା ଦୁଗ୍ଧ ସଂଗ୍ରହ କରାଯିବ। ସବସିଡିରେ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଯିବ। ଦୁଗ୍ଧର ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପୈଠ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଶତାଧିକ ଦୁଗ୍ଧ ଚାଷୀ ଯୋଗଦେଇଥିଲେ।



ଉଦ୍‌ଘାଟନ ବେଳେ ଉପସ୍ଥିତ ଅଧିକାରୀ ଓ ଚାଷୀ।

# ବୀରମହାରାଜପୁରରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ଅମରପାଲି, ୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁରଜିଲାବୀରମହାରାଜପୁରସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଭାଜପା କର୍ମକର୍ତ୍ତାମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ମଙ୍ଗଳବାର ସହର ପରିକ୍ରମା କରିଥିଲେ। ଚମ୍ପାପୁର, ଚମ୍ପାମାଳ, ଉପଜିଲାପାଳ ଛକ ଦେଇ ଉଫୁଲା, ଚିଠିପାଲି, କମଲପୁର, ଟାଙ୍ଗରସାହି ବାଟ ଦେଇ ବୀରମହାରାଜପୁର ଛକରେ ପହଞ୍ଚିଥିଲେ। ଭାଜପା ମଣ୍ଡଳ ସଭାପତି ଦିଲ୍ଲୀପ ପଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ବିଧାୟକ ରଘୁନାଥ ଜଗଦଲା, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଉପସଭାପତି ସତ୍ୟବ୍ରତ ମିଶ୍ର, ଭୁଲା ଶଙ୍କର ବାଘ, ଆମ୍ବରୀଶ ସାହୁ, ଏକଲବ୍ୟ ବେହେରା, ସନତ କୁମାର ହୋତା, ରମେଶ ପଣ୍ଡା, ପଙ୍କଜ ନାୟକ, ରାଧା ଚରଣ ମେହେର, ସୁବଳୟା ମଣ୍ଡଳ ସଭାପତି ଶରତ ମିଶ୍ରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ଭାଜପା ନେତା ଓ କର୍ମୀ।

# ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କୁ ଅଞ୍ଚଳରୁ ବିତାଡିତ କର

## ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

ବଡ଼ଗାଁ,୧୩।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗତ ୪ ବର୍ଷ ମଧ୍ୟରେ ଶତାଧିକ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ସଂଖ୍ୟା ବଢ଼ିଛି। ଫଳରେ ଅଞ୍ଚଳରେ ଚୋରି ବଢ଼ିବା ସହ ଲଭ ଜିହାଦ ଭଳି ଘଟଣା ଦୃଷ୍ଟିକୁ ଆସୁଛି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆକ୍ରୋଶ ବଢ଼ି ଚାଲିଛି। ଏହାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ମଙ୍ଗଳବାର ପୂର୍ବାହ୍ନରେ ବଡ଼ଗାଁ ଗୋଲାଇ ଛକଠାରେ ସମବେତ ହୋଇ ବାଂଲାଦେଶୀ ବଡ଼ଗାଁ ଛାଡ଼, ବାଂଲାଦେଶ ହଟାଓ ଓଡ଼ିଶା ବଚାଓ ନାରା ଦେଇ ରାଲିରେ ଥାନାକୁ ଯାଇଥିଲେ। ଥାନା ଅଧିକାରୀଙ୍କ ଜରିଆରେ ସୁନ୍ଦରଗଡ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସେଠାରୁ ବଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଗତ ୪ ବର୍ଷ ହେଲା ଅଞ୍ଚଳକୁ ଶତାଧିକ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଆସି ଶ୍ରମିକ କାମ ଓ ବ୍ୟବସାୟ ଆରମ୍ଭ କରିଛନ୍ତି। ସେମାନେ ଅଞ୍ଚଳକୁ ଆସି ରହିବା ପରେ ଶାନ୍ତି ଭଙ୍ଗ ହୋଇଛି। ଏହା ସହିତ ଚୋରି ଓ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି।


ବଡ଼ଗାଁ ଥାନା ସବ ଇନ୍ସପେକ୍ଟରଙ୍କୁ ଦାବିପତ୍ର ଦେଉଛନ୍ତି।

ଗତ ଦେଢ଼ବର୍ଷ ପୂର୍ବେ ବଡ଼ଗାଁ ଥାନା ଅଧୀନ କିଞ୍ଜିରକେଲା ଗ୍ରାମର ଜଣେ ମହିଳାଙ୍କୁ ଏଠାରେ ରହି ଶ୍ରମିକ କାମ କରୁଥିବା ଜଣେ ସନ୍ଦିଗ୍ଧ ବାଂଲାଦେଶୀ ପ୍ରେମ ଜାଲରେ ଫସାଇ କଲିକତାର ମୁଜାଫରାବାଦକୁ ନେଇ ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ଏହିପରି କେତେକ ଘଟଣାର ଦୃଷ୍ଟାନ୍ତ ଥିଲାବେଳେ ଦିନକୁଦିନ ସେମାନଙ୍କ ଯୋଗୁ ଅପରାଧିକ ଗତିବିଧି ବଢ଼ି ଚାଲିଛି। ବିଭିନ୍ନ ସ୍ଥାନରେ ଲୁଚାଛପା ଭାବେ ଗୋ ହତ୍ୟା କରୁଥିବା ଜଣାପଡିଛି। ଆଦିବାସୀ ଅଧ୍ୟୁଷିତ ବଡ଼ଗାଁ ବ୍ଲକ ଅଞ୍ଚଳର ଅଧିବାସୀ ମାନେ ଶାନ୍ତିପ୍ରିୟ ଓ ଦେଶର ନିୟମ, କାନୁନକୁ ମାନି ଚଳି ଆସୁଛନ୍ତି। କିନ୍ତୁ ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ସଂଖ୍ୟା ବଢିବା ପରେ ଶାନ୍ତି ଭଙ୍ଗ ହୋଇଛି। ଫଳରେ ଏହାକୁ ନେଇ ଜନ ଆକ୍ରୋଶ ବଢୁଛି। ରୋହିଙ୍ଗ୍ୟା ମାନେ କଟରପନ୍ଥି ଓ ଏମାନେ ଆତଙ୍କବାଦୀଙ୍କ ସହିତ ସଂଶ୍ଲିଷ୍ଟ ଥିବା ଏନଆଇଏ ସ୍ପଷ୍ଟ କରିଛି। ଏମାନଙ୍କୁ ଅଞ୍ଚଳରୁ ବିଦା ନ କଲେ ବିଷମ ପରିସ୍ଥିତି ଦେଖାଦେବ ଆଶଙ୍କା କରାଯାଉଛି। ଏହି ବାଂଲାଦେଶୀ ଓ ରୋହିଙ୍ଗ୍ୟା ମାନେ କଲିକତାର ପରିଚୟ ଦେଉଥିଲେ ମଧ୍ୟ ପ୍ରକୃତରେ ଏମାନେ ବାଂଲାଦେଶୀ ବୋଲି କୁହାଯାଉଛି। ଜାଲ ଆଧାର କାର୍ଡ କଲିକତାରେ ତିଆରି କରି ସେମାନେ ସୁନ୍ଦରଗଡ ଜିଲାକୁ ଆସୁଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ହଟା ନ ଗଲେ ଗୃହଯୁଦ୍ଧ ଭଳି ପରିସ୍ଥିତି ଦେଖାଦେବା ଯଥେଷ୍ଟ ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ସଙ୍କେତ ଗୁରୁ, ଜିଲା କର୍ମକର୍ତ୍ତା ରାଜେଶ ଦାସ, ଆଲୋକ ସାହୁ, ସେବତୀ ଡୁଙ୍ଗଡୁଙ୍ଗ, ଦୀପକ ମହାନନ୍ଦିଆ, ରଞ୍ଜିତ ଲେହେରିଙ୍କ ସହିତ ସମୀର ରାଉତରାୟ, ଯୋଗିନ୍ଦ୍ର ଲେହେରୀ, ଗୋବିନ୍ଦ ବରୁଆ, ଭାରତ ଚନ୍ଦ୍ର ରାଉତ, ଅନମୋଲ ଅଗ୍ରୱାଲ, ରିଚି କର୍ଶେଲ, ଗୌରୀ ମାଝୀ ପ୍ରମୁଖ ବ୍ୟକ୍ତି ଓ ଅଞ୍ଚଳର ସାଧାରଣ ଜନତା ଯୋଗ ଦେଇଥିଲେ। ବଡ଼ଗାଁ ଥାନାରେ ହେଉଥିବା ପୋଲିସ ସମିତି ବୈଠକରେ ସଦସ୍ୟମାନେ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଅଞ୍ଚଳରୁ ହଟାଇବା ପାଇଁ ଦାବି କରିଆସୁଛନ୍ତି।

## ଜିଲାପାଳଙ୍କୁ ଭେଟିଲେ ବିଧାୟକ ଯୋଗେଶ

ସୁନ୍ଦରଗଡ,୧୩।୮ (ଜୟ ନାରାୟଣମେଣ୍ଢୁଲି)

ସୁନ୍ଦରଗଡର ନୂତନ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟରେ ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ବିଜେଡି ପ୍ରତିପ ମଣ୍ଡଳୀ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ତଥା ପୂର୍ବତନ ସଦର ବ୍ଲକ ଉପାଦକ୍ଷ ଅଶ୍ୱିନୀ ନାଏକ, କାଉନସିଲର ଆଜହାର ହୁସେନ, କାଉନସିଲର କୈଳାସ ତନ୍ତୀ, ବିଜେଡି ଯୁବନେତା ତ୍ରିଲୋଚନ କାକ, ପଙ୍କଜ ଶ୍ରେଷ୍ଠ, ବିଜେଡି ଛାତ୍ରନେତା ନରଦୀପ ସିଂ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇ ଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ସହିତ ଆହୁରି ସୁନ୍ଦର କରିବେ ବୋଲି ଆମେ ଆଶା ଏବଂ ବିଶ୍ୱାସ କରୁଛୁ ବୋଲି ବିଧାୟକ ସିଂହ କହିଥିଲେ। ଜିଲାର ଉନ୍ନତି ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଦରକାର ବୋଲି ଜିଲାପାଳ କହିଥିଲେ।

## ଟ୍ରକ ଓଲଟି ରାସ୍ତା ଅବରୋଧ

କୁଆଁରମୁଣ୍ଡା,୧୩।୮ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଯମୁନାନାକି – ବାସ୍ତୁବିହାର ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ୨୦ ଚକିଆ ଟ୍ରକ ରାସ୍ତା ତଳକୁ ଓଲଟି ପଡ଼ିଛି। ଉକ୍ତ ଅଣ ଓସାରିଆ ରାସ୍ତାରେ ଟ୍ରକ ଓଲଟି ପଡିବାରୁ ରାସ୍ତା ଏକ ପ୍ରକାର ଅବରୋଧ ହୋଇଯାଇଛି। ଫଳରେ ଏହି ରାସ୍ତା ଦେଇ ବାସ୍ତୁ ବିହାରକୁ ଯାତାୟାତ ଏକ ପ୍ରକାର ଠପ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ରାତି ୮ଟା ଯାତାୟତ ସ୍ୱାଭାବିକ ହୋଇନାହିଁ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନେ।

ସୁନ୍ଦରଗଡ,୧୩।୮ (ଜୟ ନାରାୟଣ ମେଣ୍ଢୁଲି)

ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ବାର୍ତ୍ତା ପ୍ରଦାନ କରିଥିଲେ। ବିଶ୍ୱ ସ୍ତରରେ ଯୁବ ବିଷୟ ଗୁଡ଼ିକ ପ୍ରତି ଧ୍ୟାନ ଆକର୍ଷଣ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସଞ୍ଜୟ କୁମାର ବେହେରା, ଯୁବ ରେଡକ୍ରସ ସଂସ୍ଥାର ସଂଯୋଜକ ଚିତ୍ତରଞ୍ଜନ ବାରିକ, ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ସ୍ୱରୂପ ରଞ୍ଜନ ପଲେଇ ଏବଂ ଆର୍ଥିକ ପରିଚାଳକ ଜ୍ଞାନୀନ୍ଦ୍ର ତ୍ରିପାଠୀ ଛାତ୍ରୀଙ୍କୁ ଯୁବ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଯୁବତୀଯୁବକମାନେ କିପରି ଦେଶର ଭବିଷ୍ୟତ,ସେମାନଙ୍କ ଭବିଷ୍ୟତ ଉପରେ ଦେଶ ନିର୍ଭର କରେ, ସାମ୍ପ୍ରତିକ ସମୟରେ ଯୁବତୀଯୁବକମାନେ ସ୍ୱପ୍ନ ଓ ବାସ୍ତବତା ଭିତରେ ଯୁଝି ହେଉଛନ୍ତି ଠିକ ସେତିକି ବେଳେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶନ ଆମ ପାଇଁ କିପରି ଦିଗବାରିଣୀ ପାଲଟିଛି ସେହିପରି ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନେ ମଧ୍ୟ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଶେଷରେ ଇତିହାସ ବିଭାଗର ମୁଖ୍ୟ ଅଧାପିକା ନୀଳିମା ଭିତ୍ରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଣ୍ଟି ର୍‍ୟାଗିଂ ପ୍ରଶିକ୍ଷଣ ସପ୍ତାହ ଶୁଭାରମ୍ଭ

ରାଜଗାଙ୍ଗପୁର,୧୩।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆଣ୍ଟି ର୍‍ୟାଗିଂଙ୍ଗ ପ୍ରଶିକ୍ଷଣ ସପ୍ତାହର ଶୁଭାରମ୍ଭ ହୋଇଯାଇଛି। ୟୁଜିସୀ ନିର୍ଦ୍ଦେଶାନୁସାରେ ଏବଂ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଲେଙ୍କାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ରାଜଗାଙ୍ଗପୁର ଥାନା ଆଇଆଇସି ମନୋରଞ୍ଜନ ପ୍ରଧାନ, ଏସଆଇ ପ୍ରଜ୍ଞା ପ୍ରାଞ୍ଜନ ଜେନା ଅତିଥିଭାବେ ଯୋଗଦେଇଥିଲେ। ଅଧକ୍ଷା ଅତିଥି ପରିଚୟ ପ୍ରଦାନ କରି ର୍‍ୟାଗିଂଙ୍ଗ ଏକ ଅମାନବୀୟ ଆଚରଣ ବୋଲି କହିଥିଲେ। ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ସପନ କୁମାର ପଣ୍ଡା ର୍‍ୟାଗିଂଙ୍ଗ ପାଇଁ କେତେ ଧନ ଜୀବନ ନଷ୍ଟ ହେଉଛି। ତେଣୁ ସେଥିରୁ ନିବୃତ ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟା ସରୋଜିନୀ ଏକ୍କା ସମସ୍ତେ ସଚେତନ ନାଗରିକ ହୋଇ ଶୃଙ୍ଖଳିତ ଜୀବନ ଗଢି ତୋଳିଲେ ଜୀବନରେ ଶାନ୍ତି ଓ ସଫଳତା ପ୍ରାପ୍ତି ହୋଇଥାଏ ବୋଲି ଛାତ୍ରୀଙ୍କୁ ଅବଗତ କରିଥିଲେ। ର୍‍ୟାଗିଂଙ୍ଗ ହେଉଥିଲେ ଧର୍ଯ୍ୟ ହରା ନ ହୋଇ ପୋଲିସର ସାହାଯ୍ୟ ନେଇ ପାରିବେ ବୋଲି କହିଥିଲେ। ର୍‍ୟାଗିଂଙ୍ଗ କରୁଥିବା ଛାତ୍ରୀଙ୍କୁ ଅସଦାଚରଣ ପାଇଁ ଆଇନରେ କ'ଣ କ'ଣ ଦଣ୍ଡ ବ୍ୟବସ୍ଥା ରହିଛି ତାହା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ ଅନ୍ୟାନ୍ୟ କର୍ମଚାରୀ ତଥା ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ। ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. ସ୍ମୃତିରେଖା ନାୟକ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ରାସାୟନିକ ବିଭାଗର ବିଭାଗୀୟ ମୁଖ୍ୟ କୁସୁମ ବୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଉଳିରେ ହର୍ ଘର୍ ତ୍ରିରଙ୍ଗା ଯାତ୍ରା

ସୁନ୍ଦରଗଡ,୧୩।୮ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ସଦର ବ୍ଲକ ଦେଉଳି ପଞ୍ଚାୟତରେ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଉଳୀ ସରପଞ୍ଚ ନନ୍ଦିନୀ ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସବିତା ତଣ୍ଡିଆ ଓ ଦେଉଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀୟ କୁମାର ସେଟ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରା ଦେଉଳୀ ଉଚ୍ଚ ବିଦ୍ୟାଳୟ ଠାରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ଯାତ୍ରାରେ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ପଞ୍ଚାୟତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବିଦ୍ୟାଳୟର୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ଶିକ୍ଷକ ମଦନ ମୋହନ ଦାଶ ତ୍ରିରଙ୍ଗାର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ।



ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ଅନ୍ୟମାନେ।


ଜିଲାପାଳ ପତାକା ଦେଖାଇ ବାଇକ୍ ରାଲିର ଶୁଭାରମ୍ଭ କରୁଛନ୍ତି।

# ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ବାଇକ୍ ରାଲି

ସୁନ୍ଦରଗଡ଼,୧୩।୮ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ସଦର ମହକୁମାଠାରେ ମଙ୍ଗଳବାର ହର ଘର ତ୍ରିରଙ୍ଗା ବା ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା କାର୍ଯ୍ୟାଳୟ ପରିସରରେ ଏକ ମାରାଥନ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖ ବନ୍ଧୁ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାରାଥନ ଜିଲା କାର୍ଯ୍ୟାଳୟ ପରିସରରୁ ବାହାରି ନୂଆଁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସ୍ପୋର୍ଟସ ହଷ୍ଟେଲ, ସାଇ, ଜିଲ୍ଲା କ୍ରୀଡା ସଂଘ, ସରକାରୀ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣ ସାମିଲ ହୋଇ ଅଂଶଗ୍ରହଣ କରିଥିଲେ। ପରେ ଏକ ବାଇକ ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବାଇକ ରାଲିକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିରେ ମିଶନ ଶକ୍ତି ମହିଳା, ବିଭିନ୍ନ ଅନୁଷ୍ଠାନ ଏବଂ ଅଧିକାରୀ ତଥା କର୍ମଚାରୀମାନେ ସାମିଲ ହୋଇଥିଲେ। ରାଲି ଜିଲା କାର୍ଯ୍ୟାଳୟରୁ ବାହାରି ହସ୍ପିଟାଲ ଛକ, ବିଏସ ହାଇସ୍କୁଲ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଛକ, ପୁରୁଣା ବସ ଷ୍ଟାଣ୍ଡ ଛକ ଦେଇ ଜିଲା କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ଜାତୀୟ ପତାକା ସହ ସେଲଫିର ମଜା ନେଇ ଥିଲେ। ସେହିଭଳି କାନଭାସରେ ଘରେ ଘରେ ତ୍ରିରଙ୍ଗା, ହର ଘର ତିରଙ୍ଗା ଓ ଜୟ ହିନ୍ଦ ମେସେଜ ଲେଖିଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ରବି ନାରାୟଣ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ତହସିଲଦାର କୁଳମଣି ରଣବିଡ଼ା, ସୁନ୍ଦରଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ମିଶନ ଶକ୍ତିର ଜିଲା ସଂଯୋଜକ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ବିଶ କେଶନ ପାଣ୍ଡେ, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ପ୍ରଭାତ ଭୋଳ, ଗୋପକୃଷ୍ଣ ନାୟକ, ବରିଷ୍ଠ କୋଚ ତେଜ ଖେସ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ହେମଗିରରେ ତ୍ରିରଙ୍ଗା ଯାତ୍ରା




ହେମଗିର,୧୩।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରଠାରେ ମଙ୍ଗଳବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ନଗର ପରିକ୍ରମା କରିଥିଲା। ପରେ ହେମଗିର ସ୍ଥିତ ଅଡିଟେରିୟମ ହଲଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କଲଚରାଲ ପ୍ରେଗ୍ରାମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ସମେତ ହେମଗିରଠାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଭାଜପା କର୍ମୀଙ୍କ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବଡ଼ଗାଁ,୧୩।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭାରତୀୟ ଜନତା ପାର୍ଟିର କର୍ମୀଙ୍କ ଦ୍ୱାରା ମଙ୍ଗଳବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ହୋଇଥିବା ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ସଂଯୋଜକ ତାପସ ସିଂ, ସହ ସଂଯୋଜକ ପିଣ୍ଟୁ ନାଏକ, ବରିଷ୍ଠ ଭାଜପା କର୍ମକର୍ତ୍ତା ଫକୀର ପ୍ରଧେଟ, ଅଖିଳ ବେହେରା, ପିଣ୍ଟୁ ହୋତା, ବସନ୍ତ ଡନସନା, ବସନ୍ତ ସାହୁ, ରୁପେଶ ପଣ୍ଡା, ସ୍ୱାଗତ ପାଣିଗ୍ରାହୀ, ଅକ୍ଷୟ ଦେଓ, ଖାସକେତନ ବେହେରା, ପ୍ରତାପ ମହାପାତ୍ର, ଟିକାନନ୍ଦ ଜୟପୁରିଆ ପ୍ରମୁଖ ବଡ଼ଗାଁ ମାଉସୀ ମା' ମନ୍ଦିର ପରିସର ସଫେଇ କରିଥିଲେ।


ମାଉସୀ ମା' ମନ୍ଦିର ସମ୍ମୁଖରେ ସଫେଇ କରୁଛନ୍ତି ଭାଜପା କର୍ମୀ।

# ବିପିୟୁଟିରେ ବିଶ୍ୱ ହାତୀ ଦିବସ ପାଳିତ

ରାଉରକେଲା,୧୩।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ପ୍ରାଦ୍ୟୋଗିକ ବିଶ୍ୱବିଦ୍ୟାଳୟ, ଓଡିଶା (ବିପିୟୁଟି) ପକ୍ଷରୁ ସୋମବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିପିୟୁଟି ଉପକୁଳପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଡକ୍ଟର ମନୋଜ କୁମାର ସାହୁଙ୍କ ସମେତରେ ବିପିୟୁଟିର ସମସ୍ତ ଏସୋସିଏଟ ଅଧାପକ ଓ ଇଞ୍ଜିନିୟରିଂ ବିଭାଗ କର୍ମଚାରୀ ଉପସ୍ଥିତ ରହିଥିଲେ। ବିପିୟୁଟିର ଛାତ୍ରୀଛାତ୍ର ସକ୍ରୀୟ ଅଂଶଗ୍ରହଣ କରି ହାତୀ ସୁରକ୍ଷା ଲାଗି ଅତ୍ୟାଧୁନିକ ବୈଷୟିକ ବିଜ୍ଞାନ କୌଶଳ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରାଉରକେଲା ବନ ବିଭାଗ ସହଯୋଗ କରିଥିଲା।


ପିଲାମାନେ ବିଶ୍ୱ ହାତୀ ଦିବସ ପାଳନ କରୁଛନ୍ତି।

# ଜିଲାପାଳଙ୍କୁ ଲକ୍ଷେଘର ସମାଜ ପକ୍ଷରୁ ସ୍ୱାଗତ

ସୁନ୍ଦରଗଡ଼,୧୩।୮ (ଜୟ ନାରାୟଣ ମେଣ୍ଢୁଲି)

## ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ସୁନ୍ଦରଗଡ଼ ଜିଲା ଲକ୍ଷେ ଘର ସମାଜ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ନୂତନ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ସାକ୍ଷାତ ବେଳେ ଏହି ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ ସହରର ବିକାଶ କ୍ଷେତ୍ରରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆଲୋଚନା କରିଥିଲେ। ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଆଗାମୀ ଦିନରେ ସମାଜର ଅନେକ ଗରିବ ଶିକ୍ଷିତ ପିଲାଙ୍କୁ କିପରି ଥଇଥାନ କରି ହେବ ଓ ଅନେକ ଖଟିଖିଆ ଗରିବ, ଭିନ୍ନକ୍ଷମ, ଗରିବ ଲୋକଙ୍କ ଅସୁବିଧା ଦୂର କରିବା ଦିଗରେ ପ୍ରଶାସନ ତରଫରୁ ବିହିତ ପଦକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଲକ୍ଷେଘର ସମାଜର ପ୍ରଫୁଲ୍ଲ ସୁନ୍ୟାନି, ବିଶ୍ୱମ୍ଭର ମହାନନ୍ଦିଆ, ଲଳିନ୍ଦ୍ର ସିଂ, ଲବଣୀଧର ବାଗ, ଯହେନ୍ଦ୍ର ମହାନନ୍ଦିଆ, ଅଭିନ ତାଜନ, ରାଜା କାକ, ସୁନିଲ ମହାନନ୍ଦିଆ, କାଲୋ ସିଂ, ମନୁ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

# ଭାଜପା ଯୁବମୋର୍ଚ୍ଚାର ଘରେ ଘରେ ତ୍ରିରଙ୍ଗା ଅଭିଯାନ

ରାଉରକେଲା,୧୩।୮ (ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆୟୋଜିତ ହୋଇଥିଲା। ଏହି କ୍ରମରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ରାୟଙ୍କ ନେତୃତ୍ୱରେ ଏକ ବର୍ଣ୍ଣାଢ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ୨ କି.ମି ରାସ୍ତାରେ ତ୍ରିରଙ୍ଗା ଧରି ପଦଯାତ୍ରା କରିଥିଲେ। ପଦଯାତ୍ରାରେ ରଘୁନାଥପାଲ୍ଲୀର ବିଧାୟକ ଦୁର୍ଗାଚରଣ ତନ୍ତୀ, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଭାଜପା ପ୍ରବକ୍ତା ଧୀରେନ ସେନାପତିଙ୍କ ସମେତ ରାଉରକେଲା ସଚେତନ ନାଗରିକ ମଞ୍ଚର ସଭାପତି ବିମିଳ ବିଶି ଉପସ୍ଥିତ ଥିଲେ। ପଦଯାତ୍ରା ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରୁ ଆରମ୍ଭ ହୋଇ ସେକ୍ଟର-୬ ଟେଲିଫୋନ ଭବନ ପଡିଆ ଯାଏଁ ଚାଲିଥିଲା। ବିଧାୟକ ତନ୍ତୀ ଉଦ୍‌ବୋଧନ ଦେଇ ଦେଶସେବାରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଭାଜପା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଉପସଭାପତି ସରୋଜ ଦାସ, ସମ୍ପାଦକ ଅଜୟ କଂସାରୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସାହୁ, ଜିଲା ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ଯୁବମୋର୍ଚ୍ଚା ଉପସଭାପତି ଅଙ୍କୁଶ ବର୍ମା, କମଳେଶ ସାହା, ଜିଲା ଯୁବମୋର୍ଚ୍ଚା ପଦାଧିକାରୀ ପ୍ରିତମ ସି ପ୍ରମୁଖ ସହଯୋଗ କରିଥିଲେ।


ସ୍କୁଲ ପିଲାମାନେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ବିଧାୟକଙ୍କୁ ୪୮୮ବର୍ଗ ଅଧ୍ୟାପକ କର୍ମଚାରୀ ସଂଘର ଦାବିପତ୍ର



ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

୨୦୧୭ ଅନୁଦାନ ଆଇନ ଅନ୍ତର୍ଭୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତାବଳି ଅନୁଯାୟୀ ପଦୋନ୍ନତି, ପେନସନ ଓ କ୍ୟାଡରରେ ଅନ୍ତର୍ଭୁକ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଦେବଗଡ ଜିଲା ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଦେବଗଡ ବିଧାୟକଙ୍କୁ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିବା ସହ ଉପରୋକ୍ତ ପ୍ରସଙ୍ଗ ନେଇ ଆଗାମୀ ବିଧାନସଭା ଅଧିବେଶନରେ ପ୍ରଶ୍ନ ଉପସ୍ଥାପନ କରି ଦାବି ପୂରଣ ନେଇ ଉଦ୍ୟମ କରିବାକୁ ନିବେଦନ କରିଥିବା ଜଣାପଡିଛି। ସଂଘର ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅଧ୍ୟାପକ ଜୟଦେବ ବାରିକ, ସୁନୀଲ କୁମାର ବେହେରା, ମୁକ୍ତେଶ୍ୱର ରାଉତ, ଦେବବ୍ରତ ଗୁରୁ, କର୍ମଚାରୀ ବିଭୁତି ଭୂଷଣ ସାହୁ, ରାମଚନ୍ଦ୍ର ସାହୁ, ପୁରୁଷୋତମ ସାହୁ, ଡମ୍ବରୁଧର ସାହୁ, ଭୁବନେଶ୍ୱର ଜିତ ଓ ହୃଦାନନ୍ଦ ଜିତ ପ୍ରମୁଖ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରିବା ସହ ଏହି ଦାବିପତ୍ର ପ୍ରଦାନ କରିଥିଲେ।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳା ବିଦ୍ୟାଳୟ ସମ୍ପାଦକ ସୌଭାଗ୍ୟ କୁମାର ନାଥ, ଜିଲା ପ୍ରମୁଖ ବିଜୟ କୁମାର ପ୍ରଧାନ ଓ ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ମେଳାରେ ଦେବଗଡ ସଙ୍କୁଳ ଅଧୀନ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ରଞ୍ଜନ କୁମାର ବ୍ରହ୍ମା, ରମଣି ରଞ୍ଜନ ବିଶ୍ୱାଳ, ମନୋରଞ୍ଜନ ପ୍ରଧାନ, ଭାଗ୍ୟଶ୍ରୀ ଗିରି, ସୁମିତ୍ରା ପୁରୋହିତ, ଦିନେଶ ପାଢ଼ୀ, ଭେଷଜ ନାୟକ, ସୁବାଶିଷ କର, ହୃଦାନନ୍ଦ ଖୁଣ୍ଟିଆ, ବିରଞ୍ଚି ନାରାୟଣ ପ୍ରଧାନ, ରୁପେନ୍ଦ୍ର କୁମାର ଗୁମାନସିଂ ଯୋଗଦେଇଥିଲେ। ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥି, ବିଦ୍ୟାଳୟ ସଭାପତି ସୁକାନ୍ତ କୁମାର ସାହୁ ଓ ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସଙ୍କୁଳ ପ୍ରମୁଖ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ମୋଟ ୨୧୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ପାଇଁ ଦାବିପତ୍ର

### ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସମାରୋହ

ଝାରସୁଗୁଡ଼ା,୧୩।୮(ସଞ୍ଜୟ ମାଲି)



ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ସମ୍ମିଳିତ ଆଦିବାସୀ ସମାଜ ଓ ଆଦିବାସୀ ଶକ୍ତିପୀଠ ସେବା ଟ୍ରଷ୍ଟ ଦ୍ୱାରା ଝାରସୁଗୁଡା ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବୁନ୍ଦେ ଧୁରୁଆଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାଟ୍ରିକରେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିବା ଆଦିବାସୀ ଝିଅ ସ୍ୱାତୀ ନାଏକଙ୍କୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲାପାଳଙ୍କ ଜରିଆରେ ୧୧ଦଫା ଦାବିପତ୍ର ଦିଆଯାଇଥିଲା। ଜିଲାପାଳଙ୍କୁ ସରକାରୀ ଜମି ଦଖଲକୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ବାତିଲ କରାଯାଉ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀମାନେ ଦଖଲ କରିଥିବା ଜମିର ପଟ୍ଟା ଶିଘ୍ର ପ୍ରଦାନ କରାଯାଉ। ବେନାମୀ ଜମି ବିକ୍ରି ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଲଇକେରା ଓ କିର୍ମିରା ବ୍ଲକ ଦ୍ୱୟ ବିଧିବଦ୍ଧ ଭାବେ ଆଇଟିଡିଏରେ ଅନ୍ତର୍ଭୁକ୍ତ ହୋଇଛି। ସମ୍ବିଧାନର ପଞ୍ଚମ ସିଡ୍ୟୁଲ ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରାଯାଉ। କୋଲାବିରା ବ୍ଲକକୁ ଆଇଟିଡିଏରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଇଥିବା ପତ୍ର ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ନାଲି ଫାଇଲ ଭିତରେ ବନ୍ଧା ହୋଇପଡିଛି, ତାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ। ମୁଖ୍ୟମନ୍ତ୍ରୀଙ୍କୁ ବିନିତ ଅନୁରୋଧ ଏହି ବାବଦରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୁଖ୍ୟମନ୍ତ୍ରୀ ଏହି ବାବଦରେ କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗ କରି ଆଦିବାସୀମାନଙ୍କ ନିସ୍ୱାର୍ଥପର ହକ ଅଧିକାର ପ୍ରଦାନ କରିବା ପାଇଁ ସୁବନ୍ଦୋବସ୍ତ କରନ୍ତୁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ବିଭିନ୍ନ ବିଭାଗରେ ସରକାରୀ କର୍ମଚାରୀଙ୍କ ପଦୋନ୍ନତିରେ ଆରକ୍ଷଣ ଲାଗୁ ହେବା ପ୍ରକ୍ରିୟା ରାଜ୍ୟରେ ସମ୍ପୂର୍ଣ୍ଣ ବନ୍ଦ ଅଛି। ବିଶ୍ୱସ୍ତ ସୂତ୍ରରୁ ଅବଗତ ଅଛୁ ଯେ ଉଚ୍ଚତ୍ତମ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ କର୍ମଚାରୀଙ୍କ ଗଣତି ପ୍ରସ୍ତୁତ ହୋଇ ଆଦିବାସୀ କଲ୍ୟାଣ ବିଭାଗରେ ମହଜୁଦ ଅଛି। ସରକାର ଏହାକୁ ଅନୁମୋଦନ ନ କରିବା ଫଳରେ ଆଦିବାସୀ କର୍ମଚାରୀମାନେ ଉଚ୍ଚ ପାହ୍ୟାକୁ ଯିବାରେ ବାଧା ସୃଷ୍ଟି କରୁଛି। ଏହାକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏହାର ବିଧିବଦ୍ଧ ସମାଧାନ କରନ୍ତୁ। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଛାତ୍ର ବୃତ୍ତି ଦେବାରେ ପରିବାରର ୨ ଲକ୍ଷ ୫୦ ହଜାର ଟଙ୍କା ନିର୍ଦ୍ଧାରିତ ଆୟ ସୀମାକୁ ଉଚ୍ଛେଦ କରାଯାଉ। ନକଲି ଆଦିବାସୀ ପ୍ରମାଣ ପତ୍ର ଉପରେ ଉଚ୍ଚସ୍ତରୀୟ ତନଖି କରି ତତ୍କାଳ ସଂପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜ୍ୟର ୩୦ ଜିଲାରୁ ସର୍ବନିମ୍ନ ୭ଟି ଜିଲାରେ ଜିଲାପାଳ ଓ ପୋଲିସ ଆରକ୍ଷୀ ପଦରେ ଆଦିବାସୀ ବର୍ଗର ଅଧିକାରୀଙ୍କୁ ପଦସ୍ତ କରାଯାଉ। ରାଜ୍ୟରେ ପେଶା ଆଇନ ଲାଗୁ କରାଯାଉ। ରାଜ୍ୟରେ ଆଦିବାସୀ ଆୟୋଗ ଗଠନ କରାଯାଉ ଆଦି ଦାବି ରହିଛି। ସମାରୋହରରେ ମୁଖ୍ୟଅତିଥି ପୂର୍ଣ୍ଣଚନ୍ଦ୍ର ଭୋଇ ବିଡିଓ ଝାରସୁଗୁଡା, ସମ୍ମାନିତ ଅତିଥି ମହେନ୍ଦ୍ର ନାଏକ, ଗୋବିନ୍ଦ ଚନ୍ଦ୍ର ଭୋଇ, ରାମେଶର ଟପୋ, ଯୋଗେଶର ପଟ୍ଟା, ଚିନ୍ତାମଣି କାଲୋ, ଦୁବରାଜ ମୁଣ୍ଡା, ରତ୍ନାକର ପଧାନ, ମୋହନ କିଷାନ, ଗଙ୍ଗାଧର ଭୋଇ, ଅଶୋକ ମାଝି, ରାଜେଶ କୁମାର ନେଟି, ବିନୋଦ ବିହାରୀ ବାଗ, ବାସୁଦେବ ଧୁରୁଆ, ବୀରେନ ମରେଇ, ଦୀପକ ମରେଇ, କପିଲ କିଷାନ, ଧର୍ମେନ୍ଦ୍ର କିଷାନ, ସରୋଜିନୀ ପଟ୍ଟା, ସୁରଭି ପଟ୍ଟା, ମୀନ ଓରାମ, ସେବତୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୮(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ସହରବାସୀଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଶସାନ ଅନେକ ଅଧିକାରୀ, ଅଞ୍ଚଳବାସୀ, କଲେଜ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରମୁଖ ଯୋଗଦେଇଥିଲେ। ସକାଳ ୯ ଟାରେ ଏକ ଶୋଭାଯାତ୍ରା ସହରସ୍ଥିତ ପୁରୁଣା ବସ୍ତି ବସଷ୍ଟାଣ୍ଡ ଗାନ୍ଧି ଛକଠାରୁ ବାହାରି ପୁରୁଣାବସ୍ତି ଛକ, ଷ୍ଟେଶନଛକ, ଝଣ୍ଡା ଛକ, ଅଗ୍ରସେନ ଛକ, ଧର୍ମଶାଳା ଛକ ଦେଇ ମନମୋହନ ସ୍କୁଲ ପରିସରରେ ସମାପ୍ତ ହୋଇଥିଲା। ତ୍ରିରଙ୍ଗାର ମହତ୍ତ୍ୱ ଉପରେ ଲୋକଙ୍କୁ ସଚେତନ କରିଥିଲେ ମୁଖ୍ୟଅତିଥି ଟଙ୍କଧର ତ୍ରିପାଠୀ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସମସ୍ତେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ କରି ଦେଶ ମାତୃକାର ପ୍ରତି ଭାବଜାଗୃତ କରିବା ପାଇଁ ଆହ୍ୱାନ କରିଛନ୍ତି।


ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଅନ୍ୟମାନେ।

# ଛାତ୍ରୀଛାତ୍ରଙ୍କୁ ସଚେତନ କରୁଛି କୌଶଳ ରଥ

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରିବା ପାଇଁ ମୁଖ୍ୟମନ୍ତ୍ରୀ କୌଶଳ ରଥ ଶୁଭାରମ୍ଭ କରିଛନ୍ତି। ଏହି ରଥ ଦେବଗଡ଼ ଜିଲା ସଦରମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୌଶଳ ରଥ ଦେବଗଡ଼ ସହରର ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଓ ବିଭିନ୍ନ ଆଧୁନିକ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ଭୂମିକାକୁ ପ୍ରୋତ୍ସାହିତ କରିବା ସହ ଏଥିପାଇଁ ଉଦ୍ଦିଷ୍ଟ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଯନ୍ତ୍ରପାତି ଯଥା ଡ୍ରୋନ ଟେକ୍ନୋଲୋଜି, ଥ୍ରିଡି ପେଣ୍ଟିଂ ଆଦି ଉପରେ ସଚେତନତା କରିବ। ଏହି ରଥ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରିବ। ରଥରେ ବିଭିନ୍ନ ପ୍ରକାରର ଆଧୁନିକ ଜ୍ଞାନକୌଶଳ ନିର୍ମିତ ସମସ୍ତ ଯନ୍ତ୍ରପାତି ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଅଗଷ୍ଟ ୧୨ ତାରିଖ ତିଲେଇବଣି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏସ୍ଏସ୍ଡି କଂସର ଉଚ୍ଚ ବିଦ୍ୟାଳୟ, ଇପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଂସର, ବାଳିକା ଉଚ୍ଚ ବିଦ୍ୟାଳୟ କଂସର, ଅଗଷ୍ଟ ୧୩ ତାରିଖ ରିଆମାଳ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ରେଙ୍ଗାଲବେଡା, ସରକାରୀ ଉଚ୍ଚ ବିଦ୍ୟାଳୟ ରିଆମାଳ, ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଲିପଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢାପାଳ, ଅଗଷ୍ଟ ୧୪ ତାରିଖ ବାରକୋଟ ବ୍ଲକ କଲ୍ଲା କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ ବମପରଡା, ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ ଝରାବାହାଲ, ଆଇଟିଆଇ ବାରକୋଟ, ଅଗଷ୍ଟ ୧୫ ତାରିଖ ମ୍ୟୁନିସିପାଲିଟିର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସିସିଆଇ, ସରକାରୀ ପଲିଟେକନିକ ଓ ଇଏମଆର୍ଏସ କଳାମାଟି ଓ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକ ପରିକ୍ରମା କରିବ। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାମଗ୍ରିକ ବିକାଶ ପ୍ରଥମ ଲକ୍ଷ୍ୟ: ଜିଲାପାଳ

**କାର୍ଯ୍ୟରତ ସାମ୍ବାଦିକଙ୍କ ସହ ନୂତନ ଜିଲାପାଳଙ୍କ ବୈଠକ**

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର କାର୍ଯ୍ୟରତ ସାମ୍ବାଦିକଙ୍କ ସହ ନୂତନ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଜିଲାର ସାମଗ୍ରିକ ବିକାଶ ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ ବୋଲି ପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ସହିତ ଚାଷୀଙ୍କ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପ୍ରଦାନ ପାଇଁ ସେ ସବୁବେଳେ ପ୍ରୟାସ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ଏଥିସହ ଦେବଗଡ ଜିଲାରେ ରହିଥିବା ବିଭିନ୍ନ ବିଚ୍ଛିନ୍ନାଞ୍ଚଳକୁ ସଂଯୋଗୀକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ଓ ସରକାରୀ ଯୋଜନାରୁ ଜନସାଧାରଣ ଯେଭଳି ବଞ୍ଚିତ ନ ହେବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ମିଶନ ମୋଡରେ କାମ କରାଯିବ ବୋଲି ନୂତନ ଜିଲାପାଳ ସାହୁ ପ୍ରକାଶ କରିଥିଲେ। ବୈଠକ ପୂର୍ବରୁ ନୂତନ ଜିଲାପାଳ ସାହୁଙ୍କୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ସ୍ୱାଧୀନତାର ୭୮ତମ ପୂର୍ତ୍ତି ଅବସରରେ ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ନିକଟରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ରାଲିକୁ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦେବଗଡ଼ ଜିଲା ଓ ବ୍ଲକ ଘର ଘର ତ୍ରିରଙ୍ଗା ଯାତ୍ରା ଅଭିଯାନ ଦେଶ ପ୍ରେମ ଓ ଜାତୀୟ ପତାକା ପ୍ରଦର୍ଶନ କରୁଥିବା ଏକ ଦେଶପ୍ରେମୀ ସମାବେଶରେ ସମସ୍ତ ଭାରତୀୟ ସ୍ୱାଭିମାନ ଏବଂ ସମ୍ମାନର ପ୍ରତିକ ତ୍ରିରଙ୍ଗା ପତାକାକୁ ଗର୍ବ ଓ ସମ୍ମାନ ସହ ଆମେ ସମସ୍ତେ ନିଜ ଘରେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉଡାଇବା। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଦସ୍ତଖତ ଅଭିଯାନ ଓ ସେଲଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପରେ ପଦଯାତ୍ରା ରାଲିରେ ଜିଲା ପ୍ରଶାସନ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଛାତ୍ରୀଛାତ୍ର, ଶିକ୍ଷକ, ପିଇଟି, ନେହେରୁ ଯୁବ କେନ୍ଦ୍ର କର୍ମକର୍ତ୍ତା, ଦେବଗଡ଼ ମହାବିଦ୍ୟାଳୟ ଏନସିସି, ବାଳିକା ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ରେଡ଼କ୍ରସ, ଆଦର୍ଶ ମହାବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଚିନ୍ମୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରୁ ପଦଯାତ୍ରାରେ ବାହାରି ବିଭିନ୍ନ ହର ଘର ତ୍ରିରଙ୍ଗା ଅଭିଯାନର ବାର୍ତ୍ତା ଉଦ୍ଦେଶ୍ୟ ଏବଂ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ପତାକା ଲଗାଇ ସ୍ୱାଧୀନତା ଦିବସ ଆନନ୍ଦ ଉତ୍ସହ ସହ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ରାଲି କରାଯାଇଥିଲା।


ଜିଲା ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ।

# ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନତା

### ଶପଥ ପାଠ କାର୍ଯ୍ୟକ୍ରମ

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ 'ନିଶାମୁକ୍ତ ଭାରତ ଅଭିଯାନ' ସମ୍ପର୍କରେ ଏକ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ କାଉନସିଲର ବିଜୟ କୁମାର ଶତପଥି ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ଯୁବ ସମାଜ ନିଶାଠାରୁ ଦୂରରେ ରହି ଏକ ନିଶାମୁକ୍ତ ତଥା ବିକଶିତ ଭାରତ ଗଠନରେ ବ୍ରତୀ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏକ ନିଶାମୁକ୍ତ ଭାରତ ଗଠନ ପାଇଁ ସମୂହ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାକଡ଼ରେ ପାର୍କିଂ ଗାଡ଼ିର କଟିବ ଚାଲାଣ: ଆର୍‌ଟିଓ

ବ୍ରଜରାଜନଗର,୧୩।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲାରେ ସଡକ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବର୍ତ୍ତମାନ ପରିସ୍ଥିତିରେ ସଡକ ଦୁର୍ଘଟଣା ରୋକିବା ଦିଗରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଟିଓ ଦୀନବନ୍ଧୁ ବେପରୁଆ ଗାଡି ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଯେଉଁ ଗାଡ଼ିଚାଳକମାନେ ନିଜର ଇଚ୍ଛାମୁତାବକ ରାସ୍ତା କଡରେ ଗାଡି ଛିଡା କରୁଛନ୍ତି, ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେମାନଙ୍କ ଗାଡିର ଚାଲାଣ କାଟିବ ବୋଲି ପ୍ରକାଶ କରିଛନ୍ତି। ଲାଇସେନ୍ସ ନ ଥିବା ଗାଡି ନାବାଳକ ଓ ଗାଡି ଚାଳକଙ୍କର ଚାଲାଣ କଟିବ ବୋଲି ପ୍ରକାଶ କରିଛନ୍ତି। ସ୍କୁଲ ଓ କଲେଜରେ ଲାଗିଥିବା ଗାଡି ବିଶେଷ କରି ଅଟୋ ଚାଳକମାନେ ଅଧିକ ଛାତ୍ରୀଛାତ୍ର ନେଉଥିବାରୁ ସେମାନଙ୍କ ଉପରେ ଚାଲାଣ କାଟିବ ବୋଲି ପ୍ରକାଶ କରିଥିଲେ। ଝାରସୁଗୁଡ଼ା ସହରରେ ପ୍ରତ୍ୟେକ ଛକରେ ସିସିଟିଭି ଲାଗିଛି। ପ୍ରତ୍ୟେକ ଦିନ ୪୦/୫୦ଜଣଙ୍କର ଚାଲାଣ କଟୁଛି। ଖୁବ ଶୀଘ୍ର ଜିଲାର ପ୍ରତ୍ୟେକ ସହରରେ ସିସିଟିଭି କାମ କରିବ ବୋଲି ପ୍ରକାଶ କରିଥିଲେ।

# ମନୋରମା କ୍ଲବ ମଠସାହି ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, କର୍ମକର୍ତ୍ତା ଚୟନ

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳର ୩ନଂ. ୱାର୍ଡ ଅଧୀନ ମଠସାହିସ୍ଥିତ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ମନୋରମା କ୍ଲବ ପକ୍ଷରୁ ଆଗାମୀ ଶାରଦୀୟ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ରମଣି ରଞ୍ଜନ ଆଚାର୍ଯ୍ୟ ଓ ସମ୍ପାଦକ ଶରତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟ ହିସାବକିତାବ କରିବା ସହ ଚଳିତବର୍ଷ କିପରି ଆହୁରୀ ଜାକଜମକରେ ପୂଜା କରାଯିବ ସେ ନେଇ ବୈଠକରେ ନିଷ୍ପତି ନିଆଯାଇଥିଲା। ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କାଳିଆ ମାଝି, ଉପସଭାପତି ଭୋଲା ବେହେରା, ସମ୍ପାଦକ ବିଜୟ ମେହେର, ସହ ସମ୍ପାଦକ ବାପୁନ ପଟ୍ଟନାୟକ, କୋଷାଧ୍ୟକ୍ଷ ରିତେଶ ନାୟକ, ସହ କୋଷାଧ୍ୟକ୍ଷ ଲିକୁ ମେହେର, ମିଡ଼ିଆ ସେଲ୍ ଭାବେ ପିଙ୍କୁ ଝାଙ୍କର, ସାଂସ୍କୃତିକ ସମ୍ପାଦକ ସରୋଜ ବେହେରାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ମନମୋହନ ସାହୁ, ପ୍ରଦୀପ କୁମାର ବେହେରା, ସୁନ୍ଦରଲାଲ ଝାଙ୍କର, ଜୟଦେବ ଝାଙ୍କର, ମଚ୍ଛିନ୍ଦ୍ର ନାୟକ, କ୍ଷୀରୋଦ ସାହୁ, ଶ୍ୟାମ ପଟ୍ଟନାୟକ, କାର୍ତ୍ତିକ ପଟ୍ଟନାୟକ, ବୁନୁ ଆଚାର୍ଯ୍ୟଙ୍କୁ ଚୟନ କରାଯାଇଛି। ବୈଠକରେ ସାହିର ଜୁନିୟର ଏବଂ ସିନିୟର ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କ୍ଲବର ଚଳିତବର୍ଷ ଭିନ୍ନ ଧରଣରେ ତଥା ଆକର୍ଷଣୀୟ ପୂଜା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ନୂତନ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# ମାସିକ ବିଷୟଭିତ୍ତିକ ବୈଠକ

ଦେବଗଡ଼,୧୩।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲାର ସମସ୍ତ ସିଆରସିସିମାନଙ୍କୁ ନେଇ ତୃତୀୟ ମାସିକ ବିଷୟ ଭିତ୍ତିକ ବୈଠକ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ଭଦ୍ରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଉଦଘାଟନ କରିବା ସହ ତୃତୀୟ ମାସିକ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ଭଦ୍ରା ବିଦ୍ୟାଳୟ ପରିଦର୍ଶନ ଓ ପୂର୍ବ ପ୍ରସ୍ତୁତି ପୂର୍ବ ବୈଠକର ପୁନରାଲୋଚନା, ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଟୁଡୁ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶ୍ରେଣୀ ପରିଚାଳନା, ନମୁନା ପାଠ ଯୋଜନା, ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର ଓ ମାନ ନିର୍ଦ୍ଧାରଣ ଟ୍ରାକର ସମ୍ପର୍କରେ ବିସ୍ତୃତ ଭାବେ ଧାରଣା ପ୍ରଦାନ କରିଥିଲେ। ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ବିଲଡିଂ ବ୍ଲକ ଆପ ଓ ପ୍ରଶିକ୍ଷିକା ପ୍ରାର୍ଥିବି ପ୍ରିୟଦର୍ଶିନୀ ଜାତୀୟ ଉପଲବ୍ଧି ପାଇଁ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶିକ୍ଷକ ପବନ ଅଗ୍ରୱାଲଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ବୈଠକରେ ଜିଲାର ୫୦ଜଣ ସିଆରସିସି ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଚଳିତ ମାସ ୧୭ ତାରିଖରେ ଜିଲା ସମସ୍ତ କ୍ଲଷ୍ଟରରେ ପ୍ରଧାନ ଶିକ୍ଷକ ଓ ଏଫଏଲନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବ।



ବୈଠକରେ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଭିନ୍ନକ୍ଷମଙ୍କ ମୃତ୍ୟୁ

**କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଟିଗୁଡ଼ା ଗ୍ରାମର ଭିନ୍ନକ୍ଷମ ବଙ୍କି ମାନସିଂ ପୁଞ୍ଜି (୬୫) ମଙ୍ଗଳବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏଭଳି ଅଘଟଣ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। କୋକସରା ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଛନ୍ତି। କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ ମାନସିଂ ପୁଞ୍ଜି ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ବଡ଼ ପୋଡ଼ାଗୁଡ଼ା ପଞ୍ଚାୟତ ଦାବ୍ରିଗୁଡା ଗ୍ରାମର ଜଣେ ଚାଷୀଙ୍କ ବିଲରେ ଟ୍ରାକ୍ଟର କାଦୁଅ କରୁଥିବା ବେଳେ ହଠାତ୍ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ଚାପି ହୋଇ ଡ୍ରାଇଭର ଶି ମାଝି(୨୩)ଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଆମପାଣି ଥାନା ଏସ୍‌ଆଇ ଗୌରୀ ଯାନି, ଏଏସ୍‌ଆଇ ମନୋଜ ନାଏକ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିଲେ। ପୋଲିସ ଟିମ୍ ଟ୍ରାକ୍ଟରକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ହେଉଛନ୍ତି ନୂଆପଡ଼ା ଗ୍ରାମର ବୈଦ୍ୟନାଥ ମାଝିଙ୍କ ପୁଅ ଶି ମାଝି। ଦାବ୍ରିଗୁଡା ଗ୍ରାମର ଟ୍ରାକ୍ଟର ମାଲିକ ଧନବଲ ମାଝିଙ୍କ ନିକଟରେ ସେ ଡ୍ରାଇଭର ଭାବେ କାମ କରୁଥିଲେ।

### ନୂଆଖାଇ ଭେଟ୍‌ଘାଟ୍ ପାଳନ ପ୍ରସ୍ତୁତି ବୈଠକ

**ଖଡ଼ିଆଲ,୧୩।୮ (ସୁଜିତ କୁମାର ପ୍ରଧାନ):** ଆସନ୍ତା ସେପ୍ଟେମ୍ବର ୮ ନୂଆଖାଇ ଦିନରେ ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକୋତ୍ସବ। ନୂଆଖାଇ ଭେଟ୍‌ଘାଟ୍ ସହ ଏହି ଦିବସକୁ କିଭଳି ସୁରୁଖୁରୁରେ ପାଳନ କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସୋମନାଥ ଜଗତ, ଛବି ସାଗର, ସୁନୀଲ କୁମାର ସାହୁ, ଗଙ୍ଗାଧର ମାହାଉତି, ଅଶୋକ ବାରିକ, ନିବେଦିତା ରାଉତରାୟ, ସାବିତ୍ରୀ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ପାଘାତରେ ପୁଅ ମୃତ, ବାପା ଗୁରୁତର

**ନୂଆପଡ଼ା,୧୩।୮ (ମକାରୁ ବେମାଲ):** ସର୍ପାଘାତରେ ନୂଆପଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ସହାୟକ ଜିତେନ୍ଦ୍ର ନାଏକ ଗୁରୁତର ହୋଇଥିବାବେଳେ ତାଙ୍କ ୪ ବର୍ଷର ପୁଅ ତରୁଣଙ୍କ ମୃତ୍ୟୁ ଘଟିଛି। ନୂଆପଡା ଏସ୍‌ପିଙ୍କ ସରକାରୀ ବାସଭବନ ପଛପଟେ ସ୍ତ୍ରୀ, ପୁଅ ତରୁଣ ଓ ଝିଅଙ୍କ ସହ ଜିତେନ୍ଦ୍ର ରହନ୍ତି। ୪ ପ୍ରାଣି କୁଟୁମ୍ବ ରବିବାର ରାତ୍ରିରେ ଖାଇ ଶୋଇଥିଲେ। ବିଳମ୍ବିତ ରାତ୍ରିରେ ଜିତେନ୍ଦ୍ର ଓ ପୁଅ ତରୁଣଙ୍କୁ ଏକ ସାପ କାମୁଡି ଦେଇଥିଲା । ଜଣାପଡିବା ପରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଉଭୟଙ୍କୁ ସୋମବାର ରାୟପୁର ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ପୁଅ ତରୁଣଙ୍କ ମୃତ୍ୟୁ ଘଟିଥିଲା। ଏବେ ଜିତେନ୍ଦ୍ର ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

### ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**ଥୁଆମୂଳ ରାମପୁର,୧୩।୮(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ଗ୍ରାମ ପଞ୍ଚାୟତଠାରେ ସୋମବାର ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର ସରପଞ୍ଚ ରତ୍ନି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯୬ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ବିଡିଓ ଧ୍ରୁବଚରଣ ମୁଦୁଲି, ସିଡିପିଓ ଫୁଲଜନସିଆ ସୋରେନ, ଏଇଇ ଦିଲୀପ କୁମାର ପଟେଲ, ଆରଡବ୍ଲ୍ୟୁଏସ୍‌ଏସ୍ ଜେଇ ଶାରିକା ଗୌଡ, ଡବ୍ଲ୍ୟୁଇଓ ଶୁଭଜିତ ରଞ୍ଜନ ସ୍ୱାଇଁ, ଏସିଓ ସୁନାରାମ ସୋରେନ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରକୁ ପିଇଓ ତ୍ରିଲୋଚନ ନାଏକ ପରିଚାଳନା କରିଥିଲେ।

# ଧର୍ମଗଡ଼କୁ ରେଳଲାଇନ ସମ୍ପ୍ରସାରଣ ଦାବି ତେଜିଲା

## ସିଟିଜେନ ଫୋରମ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ବେହେରା,୧୩।୮ (ଭୁପେଶ ତିୱାରୀ)**

କେନ୍ଦ୍ର ରେଳ ମନ୍ତ୍ରଣାଳୟ ଇତିମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରେ ଜୁନାଗଡ଼-ଧର୍ମଗଡ ରେଳଲାଇନ ପ୍ରକଳ୍ପ ବାଦ ପଡ଼ିଛି। ଜୁନାଗଡ଼ରୁ ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ପାଇଁ ଦୀର୍ଘଦିନରୁ ଧର୍ମଗଡ଼ବାସୀ ଦାବି କରିଆସିଛନ୍ତି। ବିଗତ ଦିନରେ ଜନ ଆଶୀର୍ବାଦ ଯାତ୍ରା ସମୟରେ ମଧ୍ୟ ରେଳମନ୍ତ୍ରୀ ଅଶିନୀ ବୈଷ୍ଣବଙ୍କୁ ଭେଟି ସହରବାସୀ ଦାବି କରିଥିଲେ। କିନ୍ତୁ ଚଳିତ ବଜେଟରେ ଏ ନେଇ କୌଣସି ପ୍ରାବଧାନ ନ ଥିବାରୁ ଧର୍ମଗଡ଼ ସିଟିଜେନ ଫୋରମ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଫୋରମ ତରଫରୁ ମଙ୍ଗଳବାର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଧର୍ମଗଡକୁ ରେଳ ପ୍ରକଳ୍ପ ସମ୍ପ୍ରସାରିତ ନ ହେଲେ ସିଟିଜେନ ଫୋରମ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଆବାହକ ତୁଷାର ରଞ୍ଜନ ପଙ୍କଯୋଷୀ ପ୍ରକାଶ କରିଛନ୍ତି। ଧର୍ମଗଡ ସହର ଏକ ଉପଖଣ୍ଡ ମୁଖ୍ୟାଳୟ ହୋଇଥିବାବେଳେ ରେଳପଥ ସଂଯୋଗ ପାଇଁ ଏଠାରେ ଭିତ୍ତିଭୂମି ରହିଛି। ପଡ଼ୋଶୀ ନବରଙ୍ଗପୁର, ନୂଆପଡ଼ା ଜିଲା ସହ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ବାସିନ୍ଦା ଏହି ସହର ଉପରେ ନିର୍ଭରଶୀଳ। ପର୍ଯ୍ୟଟନ କ୍ଷେତ୍ର, ବ୍ୟବସାୟିକ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ଦୃଷ୍ଟିକୋଣରୁ ଆବଶ୍ୟକୀୟ ଭିତ୍ତିଭୂମି ଥିବା ଧର୍ମଗଡ ସହରକୁ ରେଳପଥ ସଂଯୋଗ ଜରୁରୀ ଅଟେ। ଏଣୁ ମଞ୍ଜୁର ହୋଇଥିବା ଜୁନାଗଡ଼ ନବରଙ୍ଗପୁର ରେଳପଥକୁ ଧର୍ମଗଡ ଯାଏ ସମ୍ପ୍ରସାରିତ କରାଯିବା ପାଇଁ ଦାବି କରାଯାଇଛି। ଆବାହକ ବରିଷ୍ଠ ଆଇନଜୀବୀ ପାଙ୍ଗଯୋଷୀଙ୍କ ନେତୃତ୍ୱରେ ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଅରୁଣ କୁମାର ତାୟଲ, ଓବିସି ମୋର୍ଚ୍ଚାର ଡମ୍ବରୁ ଲହଜଲ, ଯାଦବ ମହାସଂଘର ଡାକେ ଲହଜଲ, ବରିଷ୍ଠ ଆଇନଜୀବୀ ଦିଗମ୍ବର ଦୁରିଆ, ପ୍ରେମ ଲାଲ ସାଗର, ରାଜେନ୍ଦ୍ର ମୁନି, ଶିକ୍ଷାବିତ ଫୁଲେଶ୍ୱର ସେନାପତି, ଲବରାମ ସରାଫ, ସୁରେଶ ନାଗ, ସାମ୍ବାଦିକ ସଂଘର ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ ପଣ୍ଡା, ଲକ୍ଷ ଜ୍ୟୋତି ଜାଲ ଏକ ଶୋଭାଯାତ୍ରାରେ ଆସି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଧର୍ମଗଡ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ୭୦ କି.ମି. ସାଇକେଲ ଯାତ୍ରା

## ବାଂଲାଦେଶରେ ହିନ୍ଦୁମାନଙ୍କ ସୁରକ୍ଷା ଦାବି

**ଭବାନୀପାଟଣା,୧୩।୮ (ଉତ୍ତମ କୁମାର ଦାଶ)**

ବର୍ତ୍ତମାନ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ହେଉଛି। ହିନ୍ଦୁମାନଙ୍କୁ ହତ୍ୟା, ମହିଳାଙ୍କୁ ବଳାତ୍କାର, ହିନ୍ଦୁ ମନ୍ଦିର ଭାଙ୍ଗିବା ଭଳି ଅନେକ ହିନ୍ଦୁ ବିରୋଧୀ କାମ ଚାଲିଛି। ଧନଜୀବନ ରକ୍ଷା ଓ ହିନ୍ଦୁ ମନ୍ଦିର ସୁରକ୍ଷା ନିମନ୍ତେ ମଙ୍ଗଳବାର କଳାହାଣ୍ଡି ଜିଲା ଧର୍ମଗଡ ଅନ୍ତର୍ଗତ ବୋକ୍ରାସିଲ ଗ୍ରାମର ସାମାଜିକ କର୍ମୀ ରୁକଚନ ମାଝି ନିଜ ଗାଁରୁ ୭୦ କିଲୋମିଟର ସାଇକେଲରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପତ୍ର ଦେଇଛନ୍ତି।




ସାମାଜିକ କର୍ମୀ ରୁକଚନ ମାଝି।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**କଲମପୁର,୧୩।୮ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ଥାନା ବଡକୁଟ୍ଟ ଫାଣ୍ଡି ଅନ୍ତର୍ଗତ ଖଣ୍ଡି ଡଙ୍ଗରିଗୁଡା ଗ୍ରାମର ପଙ୍କଜ ମାଝିଙ୍କ ପୁଅ କୁରୁକ୍ଷେତ୍ର ମାଝି (୪୨) ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। କୁରୁକ୍ଷେତ୍ର ନିଜ ଘରେ ମରାମତି କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଲମପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଭବାନୀପାଟଣାରେ 'ଘରେ ଘରେ ତ୍ରିରଙ୍ଗା' ସମାରୋହ



ଟାଉନ ହଲଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସମାରୋହ।

**ଭବାନୀପାଟଣା,୧୩।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ମହକୁମାଠାରେ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ 'ଘରେ ଘରେ ତ୍ରିରଙ୍ଗା' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ଟାଉନ ହଲଠାରେ ସମାପ୍ତ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି, ମିଶନଶକ୍ତି ଓ ଅଙ୍ଗନୱାଡି କର୍ମୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ହାତରେ ଜାତୀୟ ପତାକା ଧରି ସାମିଲ ହୋଇ ଘୁମୁରା ବାଦ୍ୟ ତାଳରେ ପ୍ରାୟ ୨ କିମି ବୁଲିଥିଲେ। ସିଆର୍‌ପିଏଫ୍ ଯବାନଙ୍କ ମୋଟର ସାଇକେଲ ରାଲି ଚିତ୍ତାକର୍ଷକ ହୋଇଥିଲା। ଟାଉନ ହଲଠାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲାପାଳ ସଚିନ ପାୱାର, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ସିଡିଓ ଜିଲା ପରିଷଦ ଦୟାମୟ ପାଢ଼ୀ, ଡିପିଏଚ୍‌ଓ ଡ. ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ଚିତ୍ରକର ପ୍ରଭାସ ମିଶ୍ର, ଶିକ୍ଷାବିତ୍ ଅଜୟ ମିଶ୍ର, ତହସିଲଦାର ଶୁଭସ୍ମିତା ମିଶ୍ର, ବିଡିଓ ଚନ୍ଦନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଡିଆଇପିଆର୍‌ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭା ଶେଷରେ ଅତିରିକ୍ତ ସିଡିଓ ଦିଲୀପ ମହାରଣା ଧନ୍ୟବାଦ ଦେଇଥିଲେ। ସଭା ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଦେଶାତ୍ମବୋଧକ ତ୍ରିରଙ୍ଗା ସଙ୍ଗୀତ ପରିବେଷଣ କରାଯାଇଥିଲା।

# ନୂଆପଡାରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

**ନୂଆପଡ଼ା,୧୩।୮ (ମକାରୁ ବେମାଲ)**

ନୂଆପଡା ଜିଲା ମୁଖ୍ୟାଳୟର ମିନି ଷ୍ଟାଡିୟମଠାରେ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭାଗୀୟ ଅଧିକାରୀ, ନିର୍ବାଚିତ ଜନ ପ୍ରତିନିଧି, ଜନ ସାଧାରଣ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, କ୍ରୀଡାବିତ ସରୋଜ କୁମାର ସାହୁ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ।

# ଡ୍ରାଗନ ଫଳଚାଷ ଦେଇଛି ପରିଚୟ



ଡ୍ରାଗନ ଗଛ ନିକଟରେ ପତ୍ନୀଙ୍କ ସହ ବଳଦେବ।

**ଖଡ଼ିଆଲ,୧୩।୮ (ସୁଜିତ କୁମାର ପ୍ରଧାନ)**

ବିଦେଶୀ ଫଳ ଚାଷ କରି ଚର୍ଚ୍ଚାରେ ଅଛନ୍ତି ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଚଳାନପଡା ଗାଁର ବଳଦେବ ରାଉତ। ସେ ନିଜ ବଗିଚାରେ ଡ୍ରାଗନ ଫଳ ଚାଷ କରି ଏକ ନୂଆ ପରିଚୟ ପାଇଛନ୍ତି। ବଳଦେବ କୃଷି ବିଭାଗରେ ଗ୍ରାମ ସେବକ ଭାବେ କାର୍ଯ୍ୟ କରି ଗତବର୍ଷ ଚାକିରିରୁ ଅବସର ନେଇଛନ୍ତି। ଚାକିରି କରୁଥିବା ସମୟରେ ସେ ଆୟୁର୍ବେଦିକ ଔଷଧୀୟ ବୃକ୍ଷ, ରୁଦ୍ରାକ୍ଷ, ଚନ୍ଦନ, ରକ୍ତ ଓ ଶ୍ୱେତ ଚନ୍ଦନ ଚାଷ କରି ବେଶ ସଫଳତା ପାଇଥିଲେ। ବର୍ତ୍ତମାନ ଚାକିରିରୁ ଅବସର ନେବା ପରେ ଔଷଧୀୟ ଗୁଣରେ ଭରପୂର ଡ୍ରାଗନ ଫ୍ରୁଟ ଚାଷ କରି ସଫଳ ହୋଇଛନ୍ତି। ନିଜର ବଗିଚାରେ ସେ ପ୍ରାୟ ୧୨ ଗୋଟି ଡ୍ରାଗନ ଫ୍ରୁଟ ଗଛ ଲଗାଇଛନ୍ତି। ଗଛର ଯତ୍ନ ନେଇ ଲଗାଇବାର ୭ ମାସ ପରେ ଫଳ ଫଳାଇ ପାରିଛନ୍ତି। ଏଥିରେ ତାଙ୍କୁ ସହଯୋଗ କରୁଛନ୍ତି ସହଧର୍ମିଣୀ ହରପ୍ରିୟା ରାଉତ। ସଫଳ ହୋଇଥିବାରୁ ଆଗକୁ ଅଧିକ ପରିମାଣରେ ଡ୍ରାଗନ ଫ୍ରୁଟ ଚାଷ କରିବେ ବୋଲି ବଳଦେବ କହିଛନ୍ତି।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

୭୮ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଙ୍ଗଯୋଷୀ ମୁଖ୍ୟ ଅତିଥି ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ତହସିଲଦାର ନବୀନ କିଶୋର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ନାତକ ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ଭାଜପାର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

**ଖଡ଼ିଆଲ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ଏନ୍‌ଏସି ପକ୍ଷରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଖଡ଼ିଆଲ ବିଡ଼ିଓ ବିରସେନ ବେହେରାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଶୋଭାଯାତ୍ରାରେ ବାହାରି ଖଡ଼ିଆଲ ସହର ପରିକ୍ରମା କରିଥିଲେ। ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ରାଉତ, କାଉନସିଲର ସୁବେର ସିଂଦେଓ, ମୁକ୍ତା ଯୋଜନାର ସଂଯୋଜକ ପଲ୍ଲବୀ ମହାନ୍ତି, ପ୍ରମୋଦ ଠାକୁର ପ୍ରମୁଖ ସାମିଲ ହୋଇଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି ଆୟୋଜିତ ହୋଇଯାଇଛି। କଲେଜ ଛକରୁ ରାଲି ବାହାରି ଗୋପାଳପୁର ପର୍ଯ୍ୟନ୍ତ ଯାଇଥିଲା। ଜିଲା ଭାଜପା ସମ୍ପାଦକ ବିଷ୍ଣୁ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲିରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଗନେଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ରାଲି ସ୍ଥାନୀୟ ମୁଖ୍ୟ ବଜାର ଛକରୁ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଡିଓ ଧ୍ରୁବଚରଣ ମୁଦୁଲି, ଥାନା ଅଧିକାରୀ କୈବଲ୍ୟ ସେଠ, କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଏଇଇ ଦିଲୀପ କୁମାର ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭାଜପା ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଯାଇଛି। ଯୋରାଡବରା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ନବୀନ କିଶୋର ସାହୁଙ୍କ ନେତୃତ୍ୱରେ ଯୋରାଡବରାଠାରୁ କର୍ଲାମୁଣ୍ଡା ଓ କର୍ଲାମୁଣ୍ଡା ମଣ୍ଡଳ ସଭାପତି ସଞ୍ଜୟ ଜୈନଙ୍କ ତତ୍ତ୍ୱାବଧାନରେ ରିଷିଡାଠାରୁ କର୍ଲାମୁଣ୍ଡା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଏଥିରେ ଯୋରାଡବରା ମଣ୍ଡଳ ସଭାପତି ଦଶରଥ ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନମିତା ରାଣୀ ସାହୁ, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଗଣେଶ କୁମାର, ମଣ୍ଡଳ ସାଧାରଣ ସମ୍ପାଦକ ଗୋପୀନାଥ ସାହୁ ଜାତୀୟ ପତାକା ଧରି ସାମିଲ ହୋଇଥିଲେ।

**ଜୁନାଗଡ଼ (ସୁନୀଲ କୁମାର ସିଂହ):** ହର୍ ଘର୍ ତ୍ରିରଙ୍ଗା ଯାତ୍ରା ପାଇଁ ମଙ୍ଗଳବାର ଜୁନାଗଡ ଭାଜପା ତରଫରୁ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେରଙ୍କ ନେତୃତ୍ୱ ଏକ ମୋଟରସାଇକେଲ ରାଲି ସ୍ଥାନୀୟ ହିଙ୍ଗୁଳିବାହିଳିସ୍ଥିତ ବଜରଙ୍ଗବଳି ମନ୍ଦିରରୁ ବାହାରି ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ସମାପ୍ତ ହୋଇଛି। ଏହି ରାଲିରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ କାଳିନ୍ଦୀ ପାଣିଗ୍ରାହୀ ସାମିଲ ହୋଇଥିଲେ।

# ବିକାଶରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଭବାନୀପାଟଣା,୧୩।୮ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ବିକାଶ ମହାବିଦ୍ୟାଳୟରେ ନବାଗତ ବିବିଏ, ବିସିଏ ଓ ବିଏସ୍‌ସି ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ପ୍ରଥମ ଦିବସରେ ଭବାନୀପାଟଣା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡ଼େମିକ ଇନଚାର୍ଜ ଡି. ବିଜୟା, ପରିଚାଳନା କମିଟି ସଦସ୍ୟା ଡ. ପଦ୍ମିନୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଦିନ ମାନଙ୍କରେ ପ୍ରଫେସର ଏଲ୍.ପି. ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଥୁଆମୂଳ ରାମପୁର ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲର ଅମିତ ଭାଇ, ମନୋଜ ଭାଇ ଓ କଳ୍ପନା ନାଏକ, ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ, ପ୍ରଫେସର ରାଜେନ୍ଦ୍ର ପ୍ରସାଦ ନାଏକ, ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ଼. ଆଦିତ୍ୟ ପଟ୍ଟନାୟକ, ପ୍ରଶିକ୍ଷକ ଆଇଟି ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ନବାଗତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ।

# ହର ଘର ତ୍ରିରଙ୍ଗା ଅଭିଯାନ

**ବୋଡ଼େନ,୧୩।୮ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଯୁକ୍ତ ଦୁଇ ଓ ଯୁକ୍ତ ତିନି କଲେଜ ପରିସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ କଲେଜ ଅଧାପକ ଅଧାପିକା, ଭାଜପା କର୍ମୀ, କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତେ କଲେଜ ପରିସରରେ ଏକତ୍ରିତ ହୋଇ ତ୍ରିରଙ୍ଗା ପତାକା ଶୋଭାଯାତ୍ରାରେ ବୋଡ଼େନ ବସ୍ତି ପରିକ୍ରମା କରିଥିଲେ।

# ଶାଗୁଆନ କାଠ ଜବତ, ଜଣେ ଗିରଫ

**ନୂଆପଡ଼ା,୧୩।୮ (ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ସିଆଲଲଟି ଗାଁରେ ମଙ୍ଗଳବାର ବନ ବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ ସହ ଜଣଙ୍କୁ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ରେଞ୍ଜର ସୁନୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସିଆଲଲଟି ଗାଁରେ ଚଢାଉ କରିଥିଲା। ସେହି ସମୟରେ ଏକ ପିକ୍‌ଅପ ଭ୍ୟାନରେ ଶାଗୁଆନ କାଠ ଗଣ୍ଡି, ପଟ୍ଟା ଓ ସାଇଜ କାଠ ଚାଲାଣ ବେଳେ ଜବତ କରିଥିଲେ। ଗିରଫ ବ୍ୟକ୍ତି ହେଲେ ଡ୍ରାଇଭର ଗୋବିନ୍ଦ ବାଗ। ଜବତ ଶାଗୁଆନ କାଠର ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଶୀଘ୍ର ଧରାଯିବ ବୋଲି ରେଞ୍ଜର ମିଶ୍ର ପ୍ରକାଶ କରିଛନ୍ତି । ଏହି ଚଢାଉ ସମୟରେ ଫରେଷ୍ଟର ଖଗେଶ୍ୱର ମାଝି, ସସ୍ମିତା ବାଗ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଜବତ ଭ୍ୟାନ ଓ ଶାଗୁଆନ କାଠ।

# ଜଙ୍ଗଲ ନଷ୍ଟକରି ମକାଚାଷ, ବିଭାଗ ନୀରବଦ୍ରଷ୍ଟା

**କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଧର୍ମଗଡ ବନାଞ୍ଚଳର ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଏବେ ଅସାଧୁ ମକା ବ୍ୟବସାୟୀଙ୍କ ଚରାଭୂଇଁ ପାଲଟିଛି। ସେମାନେ ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ କରି ମକା ଚାଷ କରୁଛନ୍ତି। ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ଅବାଧରେ ଏହି ଚାଷ କରିଚାଲିଛନ୍ତି।

ସାହାଜଖୋଲ ସଂରକ୍ଷିତ ଜଙ୍ଗଲର ପରିସୀମା ୧୨ହଜାର ୭ଶହ ୭୨ ହେକ୍ଟର। ଧର୍ମଗଡ ରେଞ୍ଜ ଅଧୀନରେ ବେହେରା, ଆମପାଣି ଓ ଧର୍ମଗଡ ଫରେଷ୍ଟ ସେକ୍ସନ ରହିଛି। ବେହେରା ଫରେଷ୍ଟ ସେକ୍ସନରେ ଥିବା ଡୁଡୁକାଠେଙ୍ଗା, ଖଲିଗଡ଼ ଓ ଘଣ୍ଟିଗୁଡା ବିଟ୍‌ରେ ରହିଥିବା ଜଙ୍ଗଲ ପରିସୀମା ମଧ୍ୟରେ ଚଳିତ ବର୍ଷ ଶତାଧିକ ହେକ୍ଟର ଜଙ୍ଗଲ ଜମିରେ ମକାଚାଷ କରାଯାଇଛି। ପର୍ଯ୍ୟଟନ ସ୍ଥଳୀ ଡୋକରୀଚଞ୍ଚରାକୁ ଯିବା ବାଟରେ ପଡୁଥିବା ଘଣ୍ଟିଗୁଡା, ଖଲିଗଡ଼ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଏବେ ମକା ଚାଷର ସବୁଜିମାରେ ଭରପୂର ରହିଛି। ନବରଙ୍ଗପୁର, ଉମରକୋଟ ଅଞ୍ଚଳରେ ରହୁଥିବା ଅଣଓଡିଆ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପ୍ରଲୋଭନରେ ପଡି ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ କାଟି ମକାଚାଷ କରିଆସୁଛନ୍ତି। ଅସାଧୁ ବ୍ୟବସାୟୀମାନେ ପ୍ରଥମେ ସ୍ଥାନୀୟ ଆଦିବାସୀଙ୍କୁ ହାତକରି ମକାଚାଷ ପାଇଁ ଆବଶ୍ୟକ ବିହନ, ଖତ, ସାର, ଅର୍ଥ ଯୋଗାଣ କରୁଛନ୍ତି। ମକା ଅମଳ ପରେ ଲଗାଣି ଦେଇଥିବା ବିହନ, ଖତ, ସାର ବାବଦରେ ସବୁ ହିସାବ ଯୋଡି ସେମାନଙ୍କଠାରୁ କମ ମୂଲ୍ୟରେ ମକା କିଣି ମାଲେମାଲ ହେଉଛନ୍ତି। ଅନ୍ୟପଟେ ମକାଚାଷ ଯୋଗୁ ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ ହେବା କାରଣରୁ ଜୈବ ବିବିଧତା ନଷ୍ଟ ହେଉଛି। ଏ ନେଇ ବେହେରା ସେକ୍ସନ ଫରେଷ୍ଟର ସୀମା ଧଙ୍ଗଡାମାଝିଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଫୋନରେ ଯୋଗାଯୋଗ କରିବା ପରେ ମଧ୍ୟ ସେ ଗ୍ରହଣ କରି ନ ଥିଲେ। ପରେ ଧର୍ମଗଡ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉରଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ପ୍ରତିବର୍ଷ ଜଙ୍ଗଲ କାଟିବା ଅଭିଯୋଗରେ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି। ହେଲେ କୋର୍ଟରୁ ଜାମିନରେ ବାହାରିବା ପରେ ସେମାନେ ସେହି ଜଙ୍ଗଲ ଜମିକୁ ନିଜ ଅକ୍ତିଆରକୁ ନେଇ ମକାଚାଷ କରୁଛନ୍ତି। ତେବେ ସଂରକ୍ଷିତ ଜଙ୍ଗଲରେ ମକାଚାଷ ରୋକିବା ପାଇଁ ବିଭାଗ ପକ୍ଷରୁ ପାଟ୍ରୋଲିଂ ଭଳି ଅନେକ ପଦକ୍ଷେପ ନିଆଯାଉଛି। ଚଢାଉ ଫଳରେ ବିଗତ ବର୍ଷଠାରୁ ବହୁମାତ୍ରାରେ ମକାଚାଷ କମିଛି ବୋଲି ସେ କହିଛନ୍ତି।



ଜଙ୍ଗଲରେ ଗଛ କଟାଯାଇ ମକାଚାଷ କରାଯାଇଛି।

## ସଂକ୍ଷେପରେ

### ଗାଇସିଲେଟରୁ ପଳାୟନ କଲେ ବାଂଲାଦେଶୀ

**ଗାଇସିଲେଟ,୧୩।୮ (ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଅଞ୍ଚଳରେ ୪୦୦ରୁ ଅଧିକ ବାଙ୍ଗଲାଦେଶୀ (ରୋହିଙ୍ଗ୍ୟା) ଦୀର୍ଘବର୍ଷ ଧରି ରାଜମିସ୍ତ୍ରୀ ଭାବେ କାମ କରିଆସୁଛନ୍ତି। ନିକଟରେ ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ଉପରେ କରାଯାଉଥିବା ଅତ୍ୟାଚାର ପ୍ରତିବାଦରେ ଓ କାୟାବିସ୍ତାର କରିବା ଆଶଙ୍କାରେ ଗାଇସିଲେଟ ସଚେତନ ନାଗରିକ ଯୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବାଙ୍ଗଲାଦେଶୀଙ୍କୁ ବିତାଡିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗାଇସିଲେଟ ଥାନା ସହଯୋଗ କରିବା ପାଇଁ ଏକ ଦରଖାସ୍ତ ମଧ ଦିଆଯାଇଥିଲା। ମଙ୍ଗଳବାର ସକାଳ ସୁଦ୍ଧା ସମସ୍ତ ବାଙ୍ଗଲାଦେଶୀ ପଳାୟନ କରିଛନ୍ତି।

### ଚାଷୀଙ୍କ ସମସ୍ୟା ନେଇ ବୈଠକ

**ସୋହେଲା,୧୩।୮ ( ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ଘେଁସଠାରେ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଂଗଠନର ଘେଁସ ଧାନ ମଣ୍ଡିଠାରେ ମୁରଲୀ ଭୋଇଙ୍କ ସଭାପତିତ୍ୱରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଅଜୀତ ଶତପଥି, ରୋହିତ ପଧାନ ଉପସ୍ଥିତ ଥିଲେ। କୃଷକଙ୍କ ବିଭିନ୍ନ ସମସ୍ୟା ଆଲୋଚନା ହୋଇ ଅନେକ ପ୍ରସ୍ତାବ ପାରିତ କରାଯାଇଛି। ଘେଁସର ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂକୁ ପୂର୍ବ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ ଅପମାନ ସୂଚକ ମନ୍ତବ୍ୟ ଦେଇ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ପରେ ମାଧୋ ସିଂଙ୍କୁ ଲୋକ ଲୋଚନକୁ ଅଣାଯିବା ଏବଂ ଘେଁସ କଲେଜକୁ ତାଙ୍କ ନାମରେ ନାମିତ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ନିଆଗଲା। ଏଥିସହ ଯାହାର ୨୦୨୧ ଫସଲ ବୀମା ମଞ୍ଜୁର ହୋଇଛି ସେମାନେ ତୁରନ୍ତ ଜିଲା କୃଷି ଅଫିସରେ ଲେଖି କି ଦେବା ପାଇଁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ମଣ୍ଡିରେ ମଣ୍ଡି ପରିଚାଳନା ପାଇଁ କମିଟି ଗଠନ କରାଯିବା ପାଇଁ ସ୍ଥିର ହୋଇଛି। ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ବିଧାୟକଙ୍କୁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ହୋଇଛି। ସଭାରେ ବିଜେପୁର କୃଷକ ସଂଗଠନର ସଭାପତି ସୁବାସ ପଧାନ, ସୁଶାନ୍ତ ଗଡତିଆ, ମହେନ୍ଦ୍ର ପଧାନ, ସୁନୀଲ ମହାପାତ୍ର ସମେତ ଘେଁସ କୃଷକ ସଙ୍ଗଠନର ପ୍ରଭାତ ସାହୁ, ପ୍ରେମରାଜ ସାହୁ, କ୍ଷୀରୋଦ୍ର ପଟେଲ, ଅମୃତ ଭୋଇ, ଗଣପତି ପଧାନ,ବଳଦେବ ମାଲକ, ନବୀନ ସାହୁ ଉପସ୍ଥିତ ଥିଲେ। ଶେଷରେ ଅରକ୍ଷିତ ମହାକୁର ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ପାଇକମାଲ,୧୩।୮ (ବଢ ଶତପଥୀ):** ବରଗଡ଼ ଜିଲା ପାଇକମାଳ ଜାମସେଟ ଠାରେ ମଙ୍ଗଳବାର ମହାଶକ୍ତି ଫାଉଣ୍ଡେଶନ ବଲାଙ୍ଗୀର ଏବଂ ଏଲଟି ଆଇ ମାଇଣ୍ଡ ଟ୍ରି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ଜାମସେଥ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ଏବଂ ପାଇକମାଳ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବାସନ୍ତୀ ପୃଷ୍ଟି, ପ୍ରକଳ୍ପ ପରିଚାଳକ ଫିରୋଜ କୁମାର ଠାଠୀ ଉପସ୍ଥିତ ରହି ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ଙ୍କୁ ଜନ୍ମରୁ ୬ ମାସ ମା' କ୍ଷୀର ଏବଂ ୬ ମାସ ପରେ ଅତିରିକ୍ତ ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ ବୁଝାଇଥିଲେ। ଜୀବନର ପ୍ରଥମ ୧୦୦୦ ଦିନର ମହତ୍ତ୍ୱ ବିଷୟରେ ପାଇକମାଳ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବାସନ୍ତୀ ପୃଷ୍ଟି ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଶିଶୁ ଓ ମା'ଙ୍କ ପାଇଁ ପୁଷ୍ଟିକର ଖାଦ୍ୟ କିପରି ତିଆରି କରାଯାଏ ସେ ବିଷୟରେ ବୁଝାଇ ଥିଲେ ଏବଂ ଦେଖାଇଥିଲେ। ମହାଶକ୍ତି ଫାଉଣ୍ଡେଶନ ଏବଂ ଏଲଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆସନ୍ତା ଚାରିବର୍ଷ ମଧ୍ୟରେ ପାଇକମାଳ ବ୍ଲକରେ ଥିବା ୫ଟି ପଞ୍ଚାୟତରେ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାର ପରିକଳ୍ପନା କରାଯାଇଛି। ଏହି ଯୋଜନା ମାଧ୍ୟମରେ ୫ଟି ପଞ୍ଚାୟତରେ ପରିବେଶ ସଂରକ୍ଷଣ, ଜୀବନ ଜୀବିକା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପୁଷ୍ଟି ପାଇଁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯିବ। କାର୍ଯ୍ୟକ୍ରମକୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା, ପାଇକମାଳ ବ୍ଲକ ସଂଯୋଜକ ହାରାଧନ ବରିହା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ

## ସୁରକ୍ଷା କର୍ମୀଙ୍କୁ ଠିକ୍ ଭାବେ ମିଳୁନି ଦରମା

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରାଯାଉଛି। ସେମାନଙ୍କୁ ଠିକ୍ ଭାବେ ଦରମା ମିଳୁ ନ ଥିବା ସୁରକ୍ଷାକର୍ମୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସୁରକ୍ଷାକର୍ମୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ସୁରକ୍ଷାକର୍ମୀମାନେ ଏକ ଘରୋଇ ସଂସ୍ଥା ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟ କରିଆସୁଛନ୍ତି। ସେମାନେ ସୁଚାରୁଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିବାବେଳେ ସମ୍ପୃକ୍ତ ସଂସ୍ଥା ସୁରକ୍ଷାକର୍ମୀଙ୍କୁ ଠିକ୍ ଭାବେ ସେମାନଙ୍କ ପ୍ରାପ୍ୟ ଦରମା ପ୍ରଦାନ କରୁନାହିଁ। ପ୍ରତ୍ୟେକ ମାସ ଦରମା ଦେବା ବଦଳରେ ପ୍ରତି ୩ମାସ ବ୍ୟବଧାନରେ ଦରମା ଦିଆଯାଉଛି ବୋଲି ସୁରକ୍ଷାକର୍ମୀମାନେ ଅଭିଯୋଗ କରିଛନ୍ତି। ସେହିପରି ବର୍ଦ୍ଧିତ ଦରମା ଦିଆଯାଉନାହିଁ। କିନ୍ତୁ ସମ୍ପୃକ୍ତ ସଂସ୍ଥା ୧ହଜାର ଟଙ୍କା ଲେଖାଏଁ କାଟି ରଖୁଥିବା ଅଭିଯୋଗ ହୋଇଛି। ଏହା ସହିତ ପି.ଏଫ୍, ଇଏସ୍ଆଇ ଏପର୍ଯ୍ୟନ୍ତ କ୍ଲିୟର ହୋଇ ନ ଥିବା ସୁରକ୍ଷାକର୍ମୀମାନେ କହିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ସଂସ୍ଥାର ଟେଣ୍ଡର ଅବଧି ସରିଯାଇଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ପୁଣି ରଖାଯାଇଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ କଲେ କାର୍ଯ୍ୟରୁ ବହିଷ୍କାର କରିଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଉଗ୍ରସେନ କୁମ୍ଭାର, ତାପସ ପ୍ରଧାନ, ଯଦୁପତି ସାହୁଙ୍କ ସମେତ ବହୁସଂଖ୍ୟକ ସୁରକ୍ଷାକର୍ମୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସେମାନେ ସୂଚନା ଦେଇଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସୁରକ୍ଷାକର୍ମୀବୃନ୍ଦ।

## ଦାବି ଦୋହରାଇଲେ ଏମ୍‌ପି ପ୍ରଦୀପ

### ନୂଆପଡ଼ା-ବରଗଡ଼ ରେଲଲାଇନ ପ୍ରସଙ୍ଗ

**ବରଗଡ,୧୩।୮ (ବଢ ଶତପଥୀ)**

ନୂଆପଡ଼ା–ବରଗଡ଼ ରେଲଲାଇନ ପାଇଁ ପୁଣି ଥରେ ଦାବି ଦୋହରାଇଛନ୍ତି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ। ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୋମବାର ସାକ୍ଷାତ କରି ଏହି ପ୍ରକଳ୍ପ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଆର୍ଥିକ,ବ୍ୟବସାୟିକ ତଥା ବାଣିଜ୍ୟିକ ବିକାଶ ପାଇଁ ଏହି ରେଲଲାଇନ ଲାଇଫ ଲାଇନ ସାବ୍ୟସ୍ତ ହେବ। ପୂର୍ବରୁ ମଧ ସେ ରେଳମନ୍ତ୍ରୀଙ୍କ ନିକଟରେ ସମାନ ଦାବି ରଖିଥିବା ବେଳେ ଏହା କେନ୍ଦ୍ର କ୍ୟାବିନେଟ ଓ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇଥିବା କୁହାଯାଇଥିଲା। ତେବେ ଚଳିତ ବର୍ଷ ରେଳ ବଜେଟରେ ଓଡ଼ିଶାର ଅନ୍ୟ ୬ଟି ପ୍ରକଳ୍ପ ସ୍ଥାନ ପାଇଥିଲେ ବି ନୂଆପଡ଼ା–ବରଗଡ଼ ରେଳ ଲାଇନକୁ ଅଣା ଦେଖା କରାଯାଇଥିଲା। ସେହିପରି ପଦ୍ମପୁର ନିର୍ବାଚନରେ ଏହି ରେଳ ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଏହି ପ୍ରତିଶ୍ରୁତି ମୁତାବକ ପ୍ରକଳ୍ପ ଘୋଷଣା ହୋଇନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ନୂଆପଡ଼ା–ବରଗଡ଼ ରେଳ ଲାଇନର ପୁନର୍ବିଚାର କରିବାକୁ ଏମପି ପ୍ରଦୀପ ରେଳମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି , ଏହି ରେଳପଥ ନିର୍ମାଣ ହେଲେ ବରଗଡରୁ ସୋହେଲା, ପଦ୍ମପୁର ପାଇକମାଳ ମାଣ୍ଡୋସିଲ ପ୍ରମୁଖ ଅଞ୍ଚଳର ଜନସାଧାରଣଙ୍କୁ ରେଳ ଯାତାୟତର ବହୁତ ସୁବିଧା ମିଳିପାରିବ।



ଏମ୍‌ପି ପ୍ରଦୀପ ପୁରୋହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରୁଛନ୍ତି।



ଗଙ୍ଗା ଜଳାଶୟୀରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଅଷ୍ଟଶମ୍ଭୁ ପୀଠରେ ଗଙ୍ଗା ଜଳାଶାୟୀ

**ସରଣ୍ଡା,୧୩।୮ (ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ସ୍ଥିତ ଅଷ୍ଟଶମ୍ଭୁ ପୀଠ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରେ ମଙ୍ଗଳବାର ଗଙ୍ଗା ଜଳାଶୟୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ସାମୂହିକ ଭାବେ ଗଙ୍ଗାଜଳ ବାବା ବିଶ୍ୱେଶ୍ୱରଙ୍କୁ ଅର୍ପଣ କରିଥିଲେ। ଅତାବିରା ବ୍ଲକ ହିର୍ଲିପାଲି ଗ୍ରାମର ଶିବ ଭକ୍ତ ସିଦ୍ଧେଶ୍ୱର ପ୍ରଧାନ ଗଙ୍ଗାରୁ ଜଳ ଆଣି ଏହି ସାମୂହିକ ଜଳାଶୟୀ କରିଥିଲେ। ଗଙ୍ଗା ଜଳାଶୟୀର ସଂକଳ୍ପ ନେଇ ଗତ ୧୦ତାରିଖରେ ସିଦ୍ଧେଶ୍ୱର ଅତାବିରାରୁ ଗଙ୍ଗା ଯାଇଥିଲେ। ସେଠାରେ ମାନସିକ କରି ୬ହଜାର ଲିଟର ଗଙ୍ଗାଜଳ ଧରି ସେ ସୋମବାର ରାତିରେ ସରଣ୍ଡାରେ ପହଞ୍ଚିଥିଲେ। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପୂଜାର୍ଚ୍ଚନା ସହିତ ବିଶ୍ୱେଶ୍ୱର ବାବାଙ୍କ ଗଙ୍ଗା ଜଳାଶୟୀ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ସମ୍ପନ୍ନ ହୋଇଥିଲା। ୨୦ବର୍ଷ ପୂର୍ବରୁ ଏଠାରେ ଏଭଳି ଗଙ୍ଗା ଜଳାଶୟୀ ହୋଇଥିଲା। ତେବେ ମଙ୍ଗଳବାର ପୁଣି ଗଙ୍ଗା ଜଳାଶୟୀ ହେଉଥିବା ଖବର ପାଇ ବହୁସଂଖ୍ୟକ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ବିଶ୍ୱେଶ୍ୱର ବାବାଙ୍କୁ ଦର୍ଶନ ସହିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ହିନ୍ଦୁଙ୍କ ସୁରକ୍ଷା ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ବଢ଼ି ଚାଲିଛି। ସେଠାରେ ରହିଥିବା ହିନ୍ଦୁମାନଙ୍କ ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହି ଦାବି ନେଇ ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବାଙ୍ଗଲାଦେଶରେ ମଠ, ମନ୍ଦିର ଭାଙ୍ଗିବା ସହିତ ହିନ୍ଦୁମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଜଳାପୋଡ଼ା କରାଯାଉଛି। ଏଭଳି ସ୍ଥିତିରେ ସେଠାରେ ଅସୁରକ୍ଷିତ ଅବସ୍ଥାରେ ରହିଥିବା ହିନ୍ଦୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପଟେ ବରଗଡ଼ ଜିଲାରେ ରହିଥିବା ବାଙ୍ଗଲାଦେଶୀମାନଙ୍କୁ ଚିହ୍ନଟ କରି ଜିଲାରୁ ବାହାର କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛି। ଏହି ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ମହେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀବୃନ୍ଦ।

## ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କେଶରିପାଲି(ମହୁଲପାଲି) ଗ୍ରାମରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଅନୁଷ୍ଠିତ ଶିବିରରେ ୫୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ସ୍ୱର୍ଗତ ଚମ୍ପାବତୀ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ନିଷ୍ଠା ପରିବାର ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ଧର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଅଶ୍ୱିନୀ ତ୍ରିପାଠୀ, ଶ୍ୟାମସୁନ୍ଦର ସାହୁ, ସଙ୍କେତ ଆଠଘରା, ଜୟନ୍ତ ପ୍ରଧାନ, ବିଦ୍ୟାଧର ଭୋଇ, ଚିତ୍ର ପ୍ରଧାନ ଶିବିର ପରିଚାଳନା କରିଥିଲେ।

## ବିକାଶରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଏବଂ ବ୍ରହ୍ମକୁମାରୀ ପରିବାରର ମିଳିତ ଆନୁକୂଲ୍ୟରେ ବିକାଶ ପ୍ରେକ୍ଷାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ଛାତ୍ରାବାସର ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ସିଜିଏମ ଇଂ. ଅଜିତ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୃଙ୍ଖଳା ଏବଂ ସଂଯମତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା କ୍ରାଇମବ୍ରାଞ୍ଚ ବିଭାଗୀୟ ଭାରପ୍ରାପ୍ତ ଥାନାଧିକାରୀ ଉମେଶ ବେହେରା ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ। ବ୍ରହ୍ମକୁମାରୀ ରୁବୀ ଏବଂ ଝିଲି ଆଧ୍ୟାତ୍ମିକ ଚେତନା ଓ ଆତ୍ମ ପରିଚୟ ଉପରେ ବକ୍ତବ୍ୟ ଦେଇଥିଲେ। ଡଃ ବିକ୍ରମ ଦାଶ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁରଜ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ୍.ଭି କ୍ରୀଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଠି ଘର୍ ଘର୍ ତ୍ରିରଙ୍ଗା ଅଭିଯାନ

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଗାନ୍ଧୀଛକରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ପାଇକମାଲ (ବଢ ଶତପଥି):** ବରଗଡ଼ ଜିଲା ପାଇକମାଳରେ ବ୍ଲକ ସ୍ତରୀୟ ତ୍ରିରଙ୍ଗା ଯାତ୍ରାର ମହା ସମାବେଶ ଆୟୋଜିତ ହୋଇଯାଇଛି। ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ସ୍କୁଲ ଓ ବିଭିନ୍ନ ଅନୁଷ୍ଠାନ ଗୁଡିକ ଯୋଗ ଦେଇଥିଲେ। ପାଇକମାଳ ଏମଇ ସ୍କୁଲ ପଡିଆରୁ ସମସ୍ତ ଛାତ୍ରୀଛାତ୍ର ତଥା ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତି ବିରାଟ ତ୍ରିରଙ୍ଗା ଯାତ୍ରା ରାଲିରେ ବାହାରି ପାଇକମାଳ ମୁଖ୍ୟ ଛକରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଚେତନ ନାଗରିକ, ବୁଦ୍ଧିଜିବୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳାବର ଅନୁଷ୍ଠିତ ହୋଇଯାଇଛି। ଗାଇସିଲେଟ ବିଡିଓ ଲକ୍ଷ୍ମଣ ବାଗିଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦସ୍ତଖତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ କୁମାର ଗଡତିଆ ଯୋଗଦେଇ ଥିଲେ। ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଶିଶୁମନ୍ଦିର, ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅନେକ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା ରାଲିରେ ଯୋଗଦେଇଥିଲେ। ପ୍ରଥମେ ସମ୍ବିଧାନ ରଚୟିତା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଡାକ୍ତରଖାନା ଛକ,ବସଷ୍ଟାଣ୍ଡ ଦେଇ ସହିଦ ଛକକୁଯାଇ ବିଧାୟକ ସନତ କୁମାର ଗଡତିଆ, ସରପଞ୍ଚ ସମିତି ଅଧକ୍ଷ ପ୍ରଣୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ,ସରପଞ୍ଚ ଶରତ କାଲୋ, ଯୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ପାଣ୍ଡବ ପନ୍ଦ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଏନଏସି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୂର୍ଯ୍ୟ କୁମାର ନାଏକ,ଏବିଡିଓ ଗିରିନ୍ଦ୍ର ସାହୁ,ଜିଡିପିଓ ମହମ୍ମଦ ଆକବର, ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବି ନାରାୟଣ ମିଶ୍ର, ଥାନା ଅଧିକାରୀ ସୁକୁମାର ତ୍ରିପାଠୀ, ଏଏସଆଇ ତ୍ରୈଲେନ୍ଦ୍ର ସେନାପତି, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତ୍ରିରଙ୍ଗା ଯାତ୍ରା ସିନେମା ହଲରୁ ବାହାରି ତହସିଲ ଛକ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଲରମ୍ଭା ମହାବିଦ୍ୟାଳୟରେ ହର୍‌ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରାଧାପକ ଡ. ଦିଗମ୍ବର ଚାନ୍ଦ ଏହାର ଶୁଭାରମ୍ଭ କରିଥିଲେ। ସରପଞ୍ଚ ସାବିତ୍ରୀ ପଣ୍ଡା, ତାଙ୍କ ପ୍ରତିନିଧି ବିଜୟ କୁମାର ପଣ୍ଡା, ସମିତି ସଭ୍ୟା ସୁମିତ୍ରା ରଣା ପ୍ରମୁଖ ଏଥିରେ ଯୋଗଦେଇ ଥିଲେ। ଶୋଭାଯାତ୍ରା କଲେଜ ପରିସରରୁ ବାହାରି ଲରମ୍ଭା ଗ୍ରାମ ପରିକ୍ରମା କରିଥିଲା। ଏନସିସି ଅଧିକାରୀ ପାଟମଞ୍ଜରୀ ସାହୁ (ଆର୍ମି ) ଓ ସରୋଜ କୁମାର ନାୟକ (ନାଭାଲ)ଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ହୋଇଥିବା ବେଳେ ଏନଏସଏସ ଅଧିକାରୀ ଡ. ଅଜିତ କୁମାର ନାଥ, ଶିକ୍ଷକ ବିନୟ କୁମାର ନାୟକ, ଯୁବ ରେଡକ୍ରସ ଅଧିକାରୀ ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିନୟ କରି ସ୍ଲୋଗାନ ସହ ଯାତ୍ରା ପରିକ୍ରମା କରିଥିଲେ।

**ସୋହେଲା (ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲାରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋହେଲା ତହସିଲଦାର ଶୁଭଙ୍କର ନାୟକ, ବିଡିଓ ସୁରେନ୍ଦ୍ର ମେହେର ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଦୁର୍ଗାମନ୍ଦିରରୁ ବାହାରି ପଦ୍ମପୁର ରୋଡ, ମସଜିଦ ଛକ, ଥାନା ଛକ, ଗାନ୍ଧୀ ଛକ ଦେଇ ପୁଣି ଦୁର୍ଗାମନ୍ଦିର ପରିସରକୁ ଫେରିଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବ୍ଲକ ଅଧକ୍ଷା ବବି ପଧାନ, ଅନୀଲ ପଧାନ, ଏବିଡିଓ ଭିଜିଲ ଲାକ୍ରା, ଅତିରିକ୍ତ ଯନ୍ତ୍ରୀ ଦୀପ୍ତି ମେମ, ଆଇଆଇସି ପ୍ରଣୟ ମୁର୍ମୁ , ଏବିଇଓ ମନୋହର ଉଟି, ଅଧାପକ ପ୍ରେମଚାନ୍ଦ ଦୁଆନ ପ୍ରମୁଖ ଯୋଗ ଦେଇଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ବରଗଡ ଜିଲା ଝାରବନ୍ଧ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସ୍କୁଲ, କଲେଜ ଛାତ୍ରୀଛାତ୍ର ୬ ସହ ମିଟରର ତ୍ରିରଙ୍ଗା ପତାକା ଧରି ଝାରବନ୍ଧ କଲେଜ ଛକରୁ ସ୍ଥାନୀୟ ବସ୍ତି ପରିକ୍ରମା କରିଥିଲେ। ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଏବିଡିଓ ଭୀଷ୍ମଦେବ ମାଝୀ, ଅଧକ୍ଷ ଶ୍ୟାମସୁନ୍ଦର ବେହେରା ଉପସ୍ଥିତ ଥିଲେ।



ବରଗଡ଼ରେ ତ୍ରିରଙ୍ଗା ଶୋଭାଯାତ୍ରାରେ ବିଧାୟକ, ଜିଲାପାଳ ଓ ଏସ୍‌ପିଙ୍କ ସମେତ ଅନ୍ୟମାନେ।



ପାଇକମାଲରେ ତ୍ରିରଙ୍ଗା ଅଭିଯାନରେ ସମବେତ ଛାତ୍ରୀଛାତ୍ର ଓ ଅନ୍ୟମାନେ



ଗାଇସିଲାଟ ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ର ଓ ଗ୍ରାମବାସୀ ସାମିଲ ହୋଇଛନ୍ତି।



ସରଣ୍ଡାରେ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା।

## ସଂକ୍ଷେପରେ

### ହାଇୱା ଧକ୍କାରେ ଯୁବକ ମୃତ

ରାଉରକେଲା,୧୩।୮(ଦିନେଶ ମିଶ୍ର): ଲାଠିକଟା ଥାନା ଅନ୍ତର୍ଗତ ବିରଡା ବାଇପାସ୍ ଛକରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ସୌମ୍ୟରଞ୍ଜନ ସିଂ(୨୯) । ସୂଚନାଯୋଗ୍ୟ, ବିରଡା ଅଞ୍ଚଳରେ ସୌମ୍ୟ ସୋମବାର ଅପରାହ୍ଣ ସାଢେ ୬ଟାରେ ଏକ ବାଇକ ଯୋଗେ ଟାଇଁସର ଆଡୁ ଘରକୁ ଫେରୁଥିବା ସମୟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ଓ ଛାତିରେ ଖୁବ୍ ଜୋରରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଝରଣାବସ୍ତିରେ ଫାଇଲେରିଆ ସଚେତନତା କର୍ମଶାଳା

ରାଉରକେଲା,୧୩।୮(ଦିନେଶ ମିଶ୍ର): ବାସନ୍ତୀ କଲୋନୀ ସ୍ଥିତ ଝରଣାବସ୍ତିରେ ଫାଇଲେରିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜୟ ମା' ମଙ୍ଗଳା ଏସ୍ଏଜିର ବିମଳା ଟେଟେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବସ୍ତିର ୮୦ ଜଣ ମହିଳା ଯୋଗଦେଇ ଲୋକଙ୍କୁ ଫ୍ୟାଲେରିଆ ରୋଗର କାରଣ ଓ ନିରାକରଣ ବିଷୟରେ ଅବଗତ କରିଥିଲେ। ପରେ ବସ୍ତି ଲୋକଙ୍କୁ ଫାଲେରିଆ ରୋଗରୁ ମୁକ୍ତ ପାଇଁ ସେମାନଙ୍କୁ ମାଗଣାରେ ଔଷଧ ଖୁଆଇଥିଲେ। ଏହି ଅବସରରେ ବସ୍ତି ଭିତରେ ଏକ ରାଲି ଆୟୋଜନ କରାଯାଇଥିଲା। ରାଲିରେ ସ୍ଥାନୀୟ ଅଙ୍ଗନୱାଡି ଓ ଏସ୍ଏଜିର ବହୁ କର୍ମୀ ଉପସ୍ଥିତ ରହି ଫାଲେରିଆ ରୋଗର ନିରାକରଣ ଉପରେ ବ୍ୟାନର ଧରି ସଚେତନ କରାଇଥିଲେ। ମା' ମଙ୍ଗଳା ଏସ୍ଏଜିର କର୍ମକର୍ତ୍ତା ସହଯୋଗ କରିଥିଲେ।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରାଉରକେଲା,୧୩।୮(ଦିନେଶ ମିଶ୍ର): ରାଉରକେଲା ହନୁମାନ ବାଟିକା ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ବୋର୍ଡ ସଭାପତି ସୁବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଉରକେଲା ଏସ୍‌ପି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷଲତା ଆମ ପରିବେଶ ପାଇଁ କେତେ ଜରୁରୀ ସେ ନେଇ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ଗୃହସ୍ଥୀ ଉଦ୍ୟୋଗର ପ୍ରତିଷ୍ଠାତା ଗଣେଶ ବାଗେଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଅଁଳା, ପିଜୁଳି, ଗମ୍ଭାରୀ ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବୃକ୍ଷଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଭାଜପା କର୍ମୀ ଓ ହନୁମାନ ବାଟିକା ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ସହଯୋଗ କରିଥିଲେ।

# ମୂଳଲକ୍ଷ୍ୟରୁ ଦୂରେଇଯାଉଛି ବିଜ୍ଞାନ ପାର୍କ

ରାଉରକେଲା,୧୩।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରକୁ ବିଜ୍ଞାନ ସହର ଭାବରେ ପରିଚିତ କରାଇବା, ଶିକ୍ଷିତ ପିଲାଙ୍କୁ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶୀ କରାଇବା ଏବଂ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଛେଣ୍ଡରେ ନିର୍ମାଣ ହୋଇଛି ବିଜ୍ଞାନ ପାର୍କ। ମାତ୍ର ଏହି ପାର୍କ ମୁଖ୍ୟ ଫାଟକରେ ସବୁବେଳେ ତାଲା ଝୁଲୁଛି। ଫଳରେ ଶିକ୍ଷିତ ପିଲାଙ୍କ ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟ ସାଧନ ହୋଇପାରୁନାହିଁ। ଏଥିସହ ବିଜ୍ଞାନ ପାର୍କ ମୁଖ୍ୟ ଫାଟକରେ ଅସାମାଜିକ ଲୋକଙ୍କ ଆଡ୍ଡା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ବିଜ୍ଞାନ ପାର୍କ ସଂଲଗ୍ନ ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ଧରି ଚାଲିଥିବା ବେଳେ କାର୍ଯ୍ୟ ସରିବା ନାଁ ଧରୁନାହିଁ। ଏହାଦ୍ୱାରା ସହରର ଛାତ୍ରୀଛାତ୍ର ମହଲରେ ବିଜ୍ଞାନ ଜନିତ ଜ୍ଞାନ ଆହରଣ ଉତ୍ସାହ ଦିନକୁ ଦିନ କମି ଯାଉଥିବା କୁହାଯାଉଛି।

ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ମାର୍ଟସିଟି ପ୍ରୋଜେକ୍ଟ ଅନୁଯାୟୀ ୯କୋଟି ୮୦ଲକ୍ଷ ଟଙ୍କା ବ୍ୟୟବରାଦରେ ଛେଣ୍ଡର ୫ଏକର ଜମିରେ ବିଜ୍ଞାନ ପାର୍କ ନିର୍ମାଣ କରାଯିବାକୁ ଧାର୍ଯ୍ୟ



ବିଜ୍ଞାନ ପାର୍କ ମୁଖ୍ୟ ଫାଟକରେ ତାଲା ଝୁଲୁଛି।

### ବିଜ୍ଞାନ କେନ୍ଦ୍ର ନିର୍ମାଣରେ ଅହେତୁକ ବିଳମ୍ବ

ହେଲା। ଅନ୍ୟପଟେ ବିଜ୍ଞାନ ପାର୍କ ନିକଟସ୍ଥ ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ରାଉରକେଲା ବିଜ୍ଞାନ ବିଭାଗ (ଏନ୍‌ସିବି) ପକ୍ଷରୁ ହେବାକୁ ସ୍ଥିର ହେଲା। ପରେ ବିଜ୍ଞାନ ପାର୍କ ଚାରିପଟେ ପାଚେରି ନିର୍ମାଣ ହୋଇ ବିଭିନ୍ନ ବିଜ୍ଞାନ ବିଷୟକ ଆକର୍ଷଣୀୟ ଚିତ୍ରପଟ ସହ ଛାତ୍ରୀଛାତ୍ରଙ୍କ ଖେଳ କେସବୁକ ସରଞ୍ଜାମ ନିର୍ମାଣ କରାଗଲା। ପାର୍କ ମଧ୍ୟରେ ଜୀବଜନ୍ତୁ, ପଶୁପକ୍ଷୀଙ୍କ ଷ୍ଟାଚ୍ୟୁ କଳାକୃତି ସହିତ ଫୁଡ୍ ପାର୍କ ମଧ୍ୟ ନିର୍ମାଣ କରାଗଲା। ପାର୍କ ଭିତରେ ଓ ବାହାରେ ଆଲୋକ ବ୍ୟବସ୍ଥା, ଚଲାବୁଲା କରିବା ପାଇଁ ଟାଇଲ୍‌ସ ବ୍ୟବସ୍ଥା, ଅନୁପମ ବୃକ୍ଷ, ସ୍ମାର୍ଟ ପୋଖରୀ, ପାର୍କ ଚାରିପଟେ ଭେଣ୍ଡିଙ୍ଗ ଜୋନ ଉନ୍ନତୀକରଣ ସହିତ ଅତ୍ୟାଧୁନିକ ୧୫ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ନିର୍ମାଣ କରାଯାଇଛି। ମାତ୍ର ଇତିମଧ୍ୟରେ ମାତ୍ର ୭ଟି ଦୋକାନ ଖୋଲା ହୋଇଥିବା ବେଳେ ଅନ୍ୟ ଦୋକାନ ଗୃହ ଏଯାଏଁ ଖୋଲିନି। ଫଳରେ ରାଉରକେଲା ମହାନଗର ନିଗମର ବ୍ୟାପକ ରାଜସ୍ୱ ହାନି ହେଉଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗୋଟିଏ ପଟେ ବିଜ୍ଞାନ ପାର୍କ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମାତ୍ର ବିଜ୍ଞାନ କେନ୍ଦ୍ର ପାଇଁ ଜରୁରୀ ସରଞ୍ଜାମ ୟୁରୋପରୁ ଏନ୍‌ସିବି ପକ୍ଷରୁ ମଗା ଯାଇଥିବାଥିବା ବେଳେ ଏପର୍ଯ୍ୟନ୍ତ ଆସି ପାରିନାହିଁ। ଫଳରେ ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଦୀର୍ଘମାସ ହେଲା ଅଟକି ରହିଛି। ଏଣୁ ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ଆରଏମସି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଆରଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଛେଣ୍ଡ ସ୍ଥିତ ବିଜ୍ଞାନ ପାର୍କ ନିର୍ମାଣ ସ୍ମାର୍ଟସିଟି ତରଫରୁ କେବେଠାରୁ ନିର୍ମାଣ ହୋଇ ସାର୍ବଜନୀନ ହୋଇସାରିଛି। ମାତ୍ର ବିଜ୍ଞାନ ପାର୍କ ମୁଖ୍ୟ ଫାଟକରେ ତାଲା ପଡୁଥିବା ମୋ ଅବଗତିରେ ନ ଥିଲା। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ବିଜ୍ଞାନ କେନ୍ଦ୍ର ରାଉରକେଲା ବିଜ୍ଞାନ ବିଭାଗ ଦ୍ୱାରା ଚାଲିଛି। ଆଉ ୩/୪ ମାସ ପରେ ୟୁରୋପରୁ ଜରୁରି ସରଞ୍ଜାମ ଆସିଲା ପରେ ବିଜ୍ଞାନ ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ସେ କହିଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହୋମିଓପ୍ୟାଥିକ କଲେଜ ଛାତ୍ରୀଛାତ୍ର ଦେଲେ ସ୍ମାରକପତ୍ର

ରାଉରକେଲା,୧୩।୮(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଉରକେଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ବେଳେ ହୋମିଓପ୍ୟାଥିକ ମେଡିକାଲ କଲେଜ ଛାତ୍ରୀଛାତ୍ର ତାଙ୍କୁ ସୋମବାର ରାଉରକେଲା ହାଉସରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ୨୫ବର୍ଷ ଧରି ଓଡିଶାରେ ଆୟୁଷ ଛାତ୍ରୀଛାତ୍ରଙ୍କ ନିଯୁକ୍ତି କ୍ଷେତ୍ରରେ ଅବିଚାର କରାଯାଉଛି। ରାଜ୍ୟରେ ଆବଶ୍ୟକ ମୁତାବକ ଆୟୁଷ ଓ ଆୟୁର୍ବେଦିକ ଡାକ୍ତର ପଦପଦବୀ ସୃଷ୍ଟି ହେଉନାହିଁ। ପ୍ରତି ପଞ୍ଚାୟତରେ ଜଣେ ହୋମିଓପ୍ୟାଥିକ ଏବଂ ଆୟୁର୍ବେଦିକ ଡାକ୍ତର ନିଯୁକ୍ତି ହେଲେ ରାଜ୍ୟର ମୋଟ ୬୭୯୪ ଗାଁର ଜନସାଧାରଣ ଆୟୁଷ ଚିକିତ୍ସା ଦ୍ୱାରା ଉପକୃତ ହୁଅନ୍ତେ। ଆୟୁଷ ଚିକିତ୍ସା ପଦ୍ଧତି ବିକାଶ ହେଲେ ରାଜ୍ୟର ୩ଟି ଆୟୁର୍ବେଦିକ ଏବଂ ୪ଟି ହୋମିଓପ୍ୟାଥିକ ମେଡିକାଲ କଲେଜରୁ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହେଉଥିବା ୬ଶହରୁ ଊର୍ଦ୍ଧ୍ୱ ଓ ପୂର୍ବରୁ ଉତ୍ତୀର୍ଣ୍ଣ ହେଇଥିବା ୫ହଜାରରୁ ଊର୍ଦ୍ଧ୍ୱ ଆୟୁଷ ଛାତ୍ରୀଛାତ୍ର ଥଇଥାନ ହୋଇପାରନ୍ତେ। ସାଢେ ୪କୋଟି ଲୋକଙ୍କ ଚିକିତ୍ସା ୧୧୮୧ ଆୟୁଷ ଡାକ୍ତରଙ୍କ ଦ୍ୱାରା ଚାଲିଛି। ଅନ୍ୟପଟେ ଏମିବିବିଏସ ଛାତ୍ରୀଛାତ୍ର ସମସ୍ତ ପ୍ରକାରର ସୁବିଧା ସୁଯୋଗ ପାଉଥିବା ବେଳେ ଆୟୁଷ ଛାତ୍ରୀଛାତ୍ର ଏହି ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏହାବ୍ୟତୀତ ଉତ୍କଳମଣି ହୋମିଓପ୍ୟାଥିକ ମେଡିକାଲ କଲେଜର ହସ୍ପିଟାଲ, କ୍ୟାମ୍ପସ, ଛାତ୍ରାବାସ, ବ୍ୟାୟାମଶାଳା, କ୍ରିକେଟ ଗ୍ରାଉଣ୍ଡ ଓ ଇନ୍‌ଡୋର ଷ୍ଟାଡିୟମ ଆଦି ଉନ୍ନୟନମୂଳକ କାର୍ଯ୍ୟକ୍ରମ ହେବା ଜରୁରି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଦାବି ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ଯେହେତୁ ନିକଟରେ ବଜେଟ ପାରିତ ହୋଇଛି। ତେଣୁ ଏବେ ବିଧାନସଭାରେ ବଜେଟ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ବିଧାନସଭା ବଜେଟ ସତ୍ର ସରିଯିବା ପରେ ଏହା ଉପରେ ଆପଣଙ୍କ ଛାତ୍ର ଦଳଙ୍କ ସହିତ ଆଲୋଚନା କରିବି। ଅନ୍ୟପକ୍ଷେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଉତ୍କଳମଣି ହୋମିଓପ୍ୟାଥିକ ମେଡିକାଲ କଲେଜ କଲେଜ ପରିଦର୍ଶନ କରି କଲେଜର ଭିତ୍ତିଭୂମି ସୁଦୃଢ଼ୀକରଣ ନେଇ ସମସ୍ତ ଦିଗ ଆକଳନ କରିବେ ବୋଲି କହି ସମସ୍ତ ଦାବି ପୂରଣ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ଏ ନେଇ କୌଣସି ପ୍ରକାରର ଆନ୍ଦୋଳନ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ବାରଣ କରିଥିଲେ।



ଆୟୁଷ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଡାକ କର୍ମଚାରୀ





ତ୍ରିରଙ୍ଗା ଅଭିଯାନରେ ଡାକଘର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି।

ରାଉରକେଲା,୧୩।୮(ବିପ୍ଳବ ରଞ୍ଜନ ଦାଶ)

୭୮ତମ ସ୍ୱାଧୀନତା ଦିବସକୁ ମାତ୍ର ଗୋଟିଏ ଦିନ ବାକି। ଏମିତିରେ ସାରା ଭାରତବାସୀ ସ୍ୱାଧୀନତା ଦିବସ ପାଳନ ଲାଗି ଉତ୍କଣ୍ଠିତ। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘରେ ଘରେ ତ୍ରିରଙ୍ଗା ଅଭିଯାନକୁ ସଫଳ ରୂପାୟନ କରିବା ପାଇଁ ସମଗ୍ର ଦେଶରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଉରକେଲା ଡାକକେନ୍ଦ୍ର ମୁଖ୍ୟାଳୟ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ୩.୦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପତାକା ତ୍ରିରଙ୍ଗା କିଭଳି ସହରର ପ୍ରତି ଘରେ ଉତ୍ତୋଳନ ହେବ ସେ ନେଇ ଅଭିଯାନ ସହିତ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲା ସହରର ବିଭିନ୍ନ ଡାକଘର ପୋଷ୍ଟମାଷ୍ଟରଙ୍କ ସହ ସମସ୍ତ ଷ୍ଟାଫ ସାମିଲ ହୋଇଥିଲେ। ରାଉରକେଲା ଡାକକେନ୍ଦ୍ର ମୁଖ୍ୟାଳୟ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଗିରିଶ ଚନ୍ଦ୍ର ସାହୁ, ପୋଷ୍ଟ ମାଷ୍ଟର ଅଜୟ କୁମାର ରାଉତରାୟ, ବିଜୟ କୁମାର, ମୃତ୍ୟୁଞ୍ଜୟ ବାରିକ, ମିନୁ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ସନ୍ଦିଗ୍ଧ ଗିରଫ, ମାରଣାସ୍ତ୍ର ଜବତ

ରାଉରକେଲା, ୧୩।୮(ସଙ୍ଗୀତା ଜେନା)

ଓଡ଼ିଶା ସୀମାବର୍ତ୍ତୀ ଚାଇଁବାସା ପୋଲିସ ମଙ୍ଗଳବାର ୨ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିର୍ସା ପୂର୍ତ୍ତୀ(୨୫) ଓ ସୋମା ବୋଦ୍ରା(୨୧)। ସେମାନଙ୍କ ନିକଟରୁ ବନ୍ଧୁକ, ମୋବାଇଲ, ନମ୍ବର ପ୍ଲେଟ୍ ବିହୀନ ବାଇକ, ଦେଶୀ ବନ୍ଧୁକ, ମାଓବାଦୀଙ୍କ ପାଇଁ ହୋଇଥିବା ଲେଭି ମନି ରସିଦ୍ ବହି, ଗୁଳି ସମେତ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସିଆର୍‌ପିଏଫ୍ ପକ୍ଷରୁ ସୂଚନା ଅନୁଯାୟୀ, ରବିବାର ଚାଇଁବାସା ଟୋବୋ ଥାନା ଅଞ୍ଚଳରେ କିଛି ସନ୍ଦିଗ୍ଧ ବ୍ୟକ୍ତି ସକ୍ରିୟ ଥିବା ସୂଚନା ମିଳିଥିଲା। ମଙ୍ଗଳବାର ସକାଳେ କରଲା-ଚମ୍ପବା ଗ୍ରାମ ନିକଟରେ ନମ୍ବର ପ୍ଲେଟ ବିହୀନ ବାଇକରେ ବିର୍ସାଙ୍କୁ ଗିରଫ କରାଯାଇଥିଲା। ବିର୍ସାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ସେଠାରେ ଅନ୍ୟ ଜଣେ ସନ୍ଦିଗ୍ଧ ସୋମାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ତେବେ ସେମାନଙ୍କ ଯୋଜନା ସମ୍ପର୍କରେ ତଦନ୍ତ କରାଯାଉଥିବା ସୁରକ୍ଷାବଳ ପକ୍ଷରୁ କୁହାଯାଇଛି।

# ରିମ୍ସରେ ଜାତୀୟ ଲାଇବ୍ରେରିଆନ୍ସ ଡେ ପାଳିତ

ରାଉରକେଲା,୧୩।୮(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ରିମ୍ସ ପରିସରରେ ଜାତୀୟ ଲାଇବ୍ରେରି ସାଇନ୍ସର ଜନକ ଡକ୍ଟର ଏସ୍. ଆର ରଙ୍ଗନାଥଙ୍କ ୧୩୩ତମ ଜୟନ୍ତୀ ଅବସରରେ ନ୍ୟାଶନାଲ ଲାଇବ୍ରେରିୟାନ୍ସ ଡେ ପାଳିତ ହୋଇଯାଇଛି। ଏଥିରେ ରିମ୍ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଦିନରେ ଲାଇବ୍ରେରିର ଭୂମିକା ଓ ଏହାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ରିମ୍ସର ସମ୍ପାଦକ ତଥା ଓଡିଶା ମ୍ୟାନେଜମେଣ୍ଟ କଲେଜ ଆସୋସିଏଶନ ସଭାପତି ଡକ୍ଟର ଆର୍ଯ୍ୟ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ନିଜ ନିଜ ପାଠ୍ୟ ପୁସ୍ତକ ଓ ବିଭିନ୍ନ ପତ୍ରପତ୍ରିକା ସହ ଜଡିତ ରହିଲେ ଜ୍ଞାନ ବିକଶିତ ହେବା ସହ ପାରିପାର୍ଶ୍ୱିକ ଅଭିବୃଦ୍ଧି ହୋଇଥାଏ ବୋଲି ମତ ରଖିଥିଲେ। ଡକ୍ଟର ସନ୍ତୋଷ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଝେଲମ୍ ନାୟକ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ପଠନ କରିଥିଲେ। ରିମ୍ସର ନିର୍ଦ୍ଦେଶକ କରୁଣାକର ପାତ୍ର, ପ୍ରିନ୍ସିପାଲ ଡକ୍ଟର ସୁବ୍ରତ କୁମାର ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ତ୍ରିଲୋଚନ ଜେନା ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ଲାଇବ୍ରେରିଆନ ରଶ୍ମିତା ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀପ୍ତିରଞ୍ଜନ ସେଠୀ, ନମିତା ପ୍ରଧାନ, ରୋହିତ ଗୋରାଇ ପ୍ରମୁଖ ସହଯୋଗ କରିଥିଲେ। ଲାଇବ୍ରେରିଆନ ମମତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ହେଲେ ସାଇବର ଠକେଇରୁ ବର୍ତ୍ତିହେବ

ରାଉରକେଲା,୧୩।୮(ଦିନେଶ ମିଶ୍ର)

**ବାସନ୍ତୀ ପାଠାଗାରରେ ସାଇବର ସଚେତନତା କର୍ମଶାଳା**

ରାଉରକେଲା ବାସନ୍ତୀ ପାଠାଗାର ସଭାଗୃହରେ ସୋମବାର ସାଇବର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ପି ଉପାସନା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଫେକ୍ ସାଇଟ୍‌ରେ ଆସୁଥିବା ବିଭିନ୍ନ ପ୍ରଲୋଭନକାରୀ ଅଫର ପ୍ରତି ସାବଧାନ ରହିବା ଓ ମୋବାଇଲରେ ବ୍ୟାଙ୍କ ସମ୍ପର୍କିତ କୌଣସି ଓଟିପି ଆସିଲେ କାହାକୁ ପ୍ରଦାନ ନ କରିବା ଦିଗରେ ଅତିଥି ପାଢୀ ଆଲୋଚନା କରିଥିଲେ। ଉଦିତନଗର ଥାନାଧିକାରୀ ନିରଞ୍ଜନ ସେଠୀ ଓ ସାଇବର ସେଲ୍‌ର ଏସ୍ଆଇ ସମ୍ପଦ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଠକେଇ ସାଧାରଣତଃ ନିଜର ଅସାବଧାନତା ଯୋଗୁ ହୋଇଥାଏ। ତେଣୁ ଏହାର ଶିକାର ନ ହେବା ପାଇଁ ଆମ ସମସ୍ତଙ୍କୁ ଆର୍ଥିକ ଓ ଇଣ୍ଟରନେଟ୍ ସମ୍ପର୍କିତ ସଚେତନତାମୂଳକ କାର୍ଯ୍ୟ ଉପରେ ଅବଗତ ହେବାକୁ ପଡିବ ବୋଲି ଥାନାଧିକାରୀ ସେଠୀ କହିଥିଲେ। ବାସନ୍ତୀ ପାଠାଗାର ସଭାପତି ଇଞ୍ଜିନିୟର ଶକ୍ତି ପ୍ରସାଦ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସାଇବର ଅପରାଧ ଦେୟଯୁକ୍ତ ଫୋନ ନମ୍ବର-୧୯୩୦ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସଭାରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ପାଠାଗାର ପକ୍ଷରୁ ସ୍ମରଣିକା ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ପାଢୀ, ବସନ୍ତ ମହାରଣା, ଶରତ ଚନ୍ଦ୍ର ରାଉତ, ଗଦାଧର ରଥ, ବିଭୁଦତ୍ତ ବେହେରା, କୁଳମଣି ଦାସ, ରାଜଲକ୍ଷ୍ମୀ ସେନାପତି, ସୁଭାସିନୀ ସାହୁ, ସଞ୍ଜୟ ମିଶ୍ର, ପ୍ରମୋଦ ନାତୁଲ୍ୟ, କବିତା ପ୍ରଧାନ, ପ୍ରମୋଦ ମଲ୍ଲିକ, ଓମ୍ ପ୍ରକାଶ ପାତ୍ର, ଜୟଶ୍ରୀ ନାୟକ, ଖଗେଶ୍ୱର ସାହୁ, ସୁମନ୍ତ ପତି, କମଳା ଆଚାର୍ଯ୍ୟ, ଶିବାନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ବିକ୍ରମ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଉଦ୍ୟାନ ସମୃଦ୍ଧି ଚକ୍ର ଉଦ୍‌ଘାଟିତ

ରାଉରକେଲା,୧୩।୮(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ରୋଲ ଶପ୍ ବିଭାଗ ପକ୍ଷରୁ ବିକଶିତ ହୋଇଥିବା ଏକ ନୂତନ ଉଦ୍ୟାନ ସମୃଦ୍ଧି ଚକ୍ରକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍ ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମେକାନିକାଲ ବିଭାଗର ସିଜିଏମ ଆର.ଏନ୍. ରାଜେନ୍ଦ୍ରନ୍, ଡିଜାଇନ ଏଣ୍ଡ ଶପ୍ ବିଭାଗର ସିଜିଏମ୍ ରବି ରଞ୍ଜନ, ଇଲେକ୍ଟ୍ରିକାଲ ବିଭାଗର ସିଜିଏମ୍ ପି. କେ. ସାହୁ, ଏଚ୍ଏସ୍ଏମ୍ଏସ୍ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର, ରୋଲ ଶପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. ଆର. ମହାପାତ୍ରଙ୍କ ସମେତ ବିଭାଗର ମୁଖ୍ୟ ତଥା ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ ବଗିଚାର ବିକାଶରେ ରୋଲ ଶପ୍ ବିଭାଗୀୟ ଦଳର ଅକ୍ଳାନ୍ତ ପରିଶ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ସବୁଜ ଏବଂ ସ୍ୱଚ୍ଛ ଇସ୍ପାତ ଉପରେ ଗୁରୁତ୍ୱାରୋପ କରିଥିଲେ। ଶକ୍ତି ଓ କାର୍ବନ ସଞ୍ଚୟ, ମୂଲ୍ୟ ନିପୁଣତା ଏବଂ ସ୍ଥାୟୀ ଇସ୍ପାତ ତିଆରି ଆଦି ବିଭିନ୍ନ ଲାଭ ବିଷୟରେ ସଚେତନତା ସୃଷ୍ଟି କରିବାକୁ କର୍ମଚାରୀଙ୍କୁ ସେ ଉତ୍ସାହିତ କରିଥିଲେ। ଏହି ଉଦ୍ୟାନର ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ସମୃଦ୍ଧି ଚକ୍ର। ଏହି ସମୃଦ୍ଧି ଚକ୍ର ସ୍ମାରକୀ ଆର୍ଏସ୍‌ପିର ସମୃଦ୍ଧତା, ନିରାପତ୍ତା ଏବଂ ସ୍ଥିରତା ସ୍ୱରୂପ ପ୍ରତିବଦ୍ଧତାକୁ ସୂଚିତ କରେ। ଉଦ୍ୟାନର ଆଲୋକ ସାଜସଜ୍ଜା ଓ ଆଦିବାସୀ କଳାକୃତିରେ ଚିତ୍ରିତ କାନ୍ଥ ଏବଂ ସୁନ୍ଦର ସବୁଜିମା ଚିତ୍ର ସହିତ ସୁଗମ ପଥ ରହିଛି ଯାହା ଏହାର ସାମଗ୍ରିକ ଆକର୍ଷଣକୁ ବଢାଇଛି। ପ୍ରାରମ୍ଭରେ ସୁବ୍ରତ କୁମାର ସ୍ୱାଗତ ଭାଷଣ ଦେବା ସହ ଆରଏସ୍‌ପି କର୍ମଚାରୀଙ୍କ ମଧ୍ୟରେ ସବୁଜ ତଥା ନିରନ୍ତର ସଂସ୍କୃତି ପ୍ରତିପାଦନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏସ.ଆର ମହାପାତ୍ର ଆର୍ଏସ୍‌ପି ପ୍ରବନ୍ଧନକୁ ସମସ୍ତ ବିଭାଗ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ରୋଲ ଶପ୍ ବିଭାଗର ଜିଏମ୍ ଏମ. କେ. ମୁଦାଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସମୃଦ୍ଧି ଚକ୍ର ସମ୍ମୁଖରେ ଆର୍ଏସ୍‌ପି ଅଧିକାରୀ ଓ କର୍ମଚାରୀ ।

# ଶୌଚାଳୟରେ ଚାବି, ବସ୍ତିବାସୀ ହଇରାଣ

ରାଉରକେଲା,୧୩।୮(ଦିନେଶ ମିଶ୍ର)

ସ୍ୱଚ୍ଛ ଭାରତ ମିଶନ ଜରିଆରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। ଏଥିସହ ଲୋକଙ୍କୁ ଖୋଲାରେ ଶୌଚ ନ ହେବା ପାଇଁ ମଧ୍ୟ କାନ୍ଥବାଡରେ ସୂଚନା ଫଳକ ମାଧ୍ୟମରେ ଅବଗତ କରାଯାଉଛି। ହେଲେ ରାଉରକେଲା ସ୍ମାର୍ଟସିଟିରେ ଏଭଳି ସର୍ବଜନୀନ ଶୌଚାଳୟ ରହିଛି ଯାହା ଆଜିକୁ ୧ ବର୍ଷରୁ ଊର୍ଦ୍ଧ୍ୱ ହେଲା ବସ୍ତିବାସୀଙ୍କ ବ୍ୟବହାରରେ ନ ଲାଗି ଚାବି ପଡି ରହିଛି। ଏଭଳି ଦୃଶ୍ୟ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର-୧୦ରେ ଥିବା ମାଲଗୋଦାମ ବସ୍ତିରେ ଦେଖିବାକୁ ମିଳିଛି।

ବାସନ୍ତୀ କଲୋନୀ ସ୍ଥିତ ମାଲଗୋଦାମ ବସ୍ତିରେ ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ବସ୍ତିରେ ଆରଏମ୍‌ସି ପକ୍ଷରୁ ୨୦୨୨ ଜୁଲାଇ ମାସରେ ସ୍ୱଚ୍ଛଭାରତ ମିଶନ ଜରିଆରେ ସ୍ଥାନୀୟ ବସ୍ତିବାସୀଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହି ଶୌଚାଳୟ ପାଇଁ ୧ଲକ୍ଷ ୬୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏଥିରେ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୩ଟି ଶୌଚ ବ୍ୟବସ୍ଥା ସାଙ୍ଗକୁ ସ୍ନାନ ଗୃହ ତିଆରି କରାଯାଇଥିଲା। ବସ୍ତିବାସୀ ଶୌଚାଳୟ ତିଆରି ହେବା ଯୋଗୁ





ମାଲଗୋଦାମ ଅଞ୍ଚଳରେ ଥିବା ସାର୍ବଜନୀନ ଶୌଚାଳୟ।

ବାହାରକୁ ଶୌଚ ହେବାକୁ ନ ଯାଇ ଏହାକୁ ବ୍ୟବହାର କରି ଉପକୃତ ହୋଇଥିଲେ। ତେବେ ଉକ୍ତ ଶୌଚାଳୟରେ ଲାଗିଥିବା ପାଣିଟାଙ୍କିକୁ କେହି ସ୍ଥାନୀୟ ଦୁର୍ବୃତ୍ତ ଭାଙ୍ଗି ଦେବାରୁ ସ୍ଥାନୀୟ ଲୋକେ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଲେ। ପରେ ବସ୍ତିବାସୀ ନିଜ ଘରୁ ପାଣି ବାଲଟି ନେଇ ଏହି ଶୌଚାଳୟକୁ ବ୍ୟବହାର କରୁଥିବାବେଳେ ଆରଏମ୍‌ସି ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଇ ନ ଥିଲା। ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ଶୌଚାଳୟ କାନ୍ଥ ଫାଟି ଆଁ କରିଥିଲା ତ ଆଉ କେଉଁଠି ପ୍ୟାନ ଭାଙ୍ଗି ଯାଇଥିଲା। ଶୌଚାଳୟର ଏଭଳି ଅବ୍ୟବସ୍ଥା ଦେଖି ସ୍ଥାନୀୟ ବସ୍ତିବାସୀ ଏହାକୁ ବ୍ୟବହାର ନ କରି ମୁକୁଳା ଛାଡି ଦେଇଥିଲେ। ଫଳରେ ଏହି ଶୌଚାଳୟ ଭିତରେ ସ୍ଥାନୀୟ ବୁଲାପଶୁ ଓ ଅସାମାଜିକ ଯୁବକଙ୍କ ଆଡ୍ଡା ଜମିଥିଲା। ଏହି ଶୌଚାଳୟ ସମ୍ମୁଖରେ ବିଭିନ୍ନ ଅସାମାଜିକଙ୍କ ଆଡ୍ଡା ଜମିବାରୁ ସ୍ଥାନୀୟ ଲୋକେ ଏହାକୁ ପରବର୍ତ୍ତୀ ସମୟରେ ଚାବି ପକାଇ ଦିଆଯାଇଥିଲା। ଅନ୍ୟପକ୍ଷେ ଆରଏମ୍‌ସି ପକ୍ଷରୁ ଏହାକୁ ପୁନରୁଦ୍ଧାର କରାଯାଉନାହିଁ। ଫଳରେ ମାଲଗୋଦାମ ବସ୍ତିବାସୀ ବସ୍ତି ନିକଟରେ ଥିବା ରେଲୱେ ସାଇଡିଂ ରେଳ ଧାରଣା ନଚେତ ଖୋଲା ପଡିଆକୁ ଶୌଚ ହେବାକୁ ଯାଉଛନ୍ତି। ବସ୍ତିବାସୀଙ୍କ ଉଦ୍ଦେଶ୍ୟରେ ତିଆରି ହୋଇଥିବା ଶୌଚାଳୟରେ ତାଲା ପଡିଥିବାରୁ ଏହା ନିକଟରେ ଅନାବନା ଘାସ ଓ ଗଛମାନ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ବସ୍ତିବାସୀ ମଧ୍ୟ ହଇରାଣ ହେଉଛନ୍ତି। ତେଣୁ ଉକ୍ତ ଶୌଚାଳୟକୁ ପୁନରୁଦ୍ଧାର କରି ବ୍ୟବହାର ଉପଯୋଗୀ କରିବା ଲାଗି ସାଧାରଣରେ ଦାବି ହୋଇଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆରଏମ୍‌ସି ଅଧୀନରେ ଥିବା ମାଲଗୋଦାମ ଅଞ୍ଚଳର ସାର୍ବଜନୀନ ଶୌଚାଳୟ ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ଉକ୍ତ ଶୌଚାଳୟଟି ବସ୍ତିବାସୀଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ ତେବେ ଆସନ୍ତା ୭ ଦିନ ଭିତରେ ଶୌଚାଳୟ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ସ୍ଥାନକୁ ପଠାଇ ସ୍ଥିତି ସମୀକ୍ଷା କରିବା ପରେ ଏହାକୁ ମରାମତି କରିବୁ ବୋଲି ନାୟକ କହିଥିଲେ।

**ଖୁବଶୀଘ୍ର ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଆର୍‌ଏମ୍‌ସି ଉପଆୟୁକ୍ତ**

- ଶୌଚାଳୟ ସମ୍ମୁଖରେ ଅସାମାଜିକଙ୍କ ଆଡ୍ଡା
- ରେଲୱେ ସାଇଡିଂ ଓ ଖୋଲା ପଡିଆ ଏବେ ଶୌଚସ୍ଥଳ

## ସଂକ୍ଷେପରେ

### ପିତୃହନ୍ତା ନିର୍ଦ୍ଦୋଷରେ ଖଲାସ

କୁଚିଣ୍ଡା, ୧୩।୮ (ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ ରାଜ କିଶୋର ଲେଙ୍କା ମଙ୍ଗଳବାର ଏକ ହତ୍ୟାକାଣ୍ଡ ମାମଲାର ରାୟ ଶୁଣାଇଛନ୍ତି। ରାୟରେ ପିତୃହନ୍ତା ପୁଅକୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। କୋର୍ଟ ୨୧ଜଣ ସାକ୍ଷୀଙ୍କ ବୟାନ ପରେ ଏହି ରାୟ ଶୁଣାଇଛନ୍ତି। ଗୋବିନ୍ଦପୁର ଥାନା ବାଉଁଶଲଗା ପଞ୍ଚାୟତ ସର୍ଗିଡିହି ଗ୍ରାମର କରନ ପାତ୍ର(୧୯)ଓରଫ ପ୍ରଶାନ୍ତଙ୍କ ସହ ବାପା ମୋହନ ପାତ୍ରଙ୍କ ମଧ୍ୟରେ ଜମିବାଡି ଓ ଟଙ୍କା ପଇସାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଶାନ୍ତ ଏକ ଚୌକିରେ ବାପାଙ୍କୁ ପିଟି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ଶଶୀଭୂଷଣ ପାତ୍ରଙ୍କ ଏତଲା ଆଧାରରେ ଗୋବିନ୍ଦପୁର ଥାନାରେ ୨୦୨୨ମାର୍ଚ୍ଚ ୧୭ରେ ଏକ ମାମଲା (ନଂ.୫୮/୨୨)ରୁଜୁ କରି ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ଶର୍ମା ମାମଲା ପରିଚାଳନା କରଥିଲେ।

### ନାବାଳକଙ୍କୁ ହତ୍ୟା

ସମ୍ବଲପୁର, ୧୩।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଗୋପାଲମାଲ ରାସ୍ତାର ଦାନିପାଲି ପୋଲ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ଦାନିପାଲିର ଅମିତ ସିଂ(୧୬)। ପୂର୍ବ ଶତ୍ରୁତାରୁ ଏହି କାଣ୍ଡ ଘଟିଥିବା କୁହାଯାଉଛି। ସୂଚନା ଅନୁସାରେ ଅମିତ ସନ୍ଧ୍ୟାରେ ତାଙ୍କର ଜଣେ ବନ୍ଧୁଙ୍କ ସହ ଯାଉଥିବା ବେଳେ ଦାନିପାଲି ପୋଲ ନିକଟରେ ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅମିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି। ଘରୋଇ ହସ୍ପିଟାଲରେ ଥିବା ମୃତଦେହ ବୁଧବାର ବ୍ୟବଚ୍ଛେଦ କରାଯିବ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

### ବାଂଲାଦେଶୀ ରୋହିଙ୍ଗ୍ୟାଙ୍କୁ ବିତାଡ଼ିତ କର

କୁଚିଣ୍ଡା, ୧୩।୮ (ବିରଞ୍ଚି ଦର୍ଭା)

ସମ୍ପ୍ରତି ବାଂଲାଦେଶରେ ଦେଖାଦେଇଥିବା ହିନ୍ଦୁଙ୍କ ଉପରେ ଆକ୍ରମଣ ଓ ଅତ୍ୟାଚାର ପ୍ରତିବାଦ କରିଛି ଭାଜପା ବାମରା ବ୍ଲକ କେଶାଇବାହାଲ ମଣ୍ଡଳ। ମଙ୍ଗଳବାର ପୂର୍ତ୍ତବିଭାଗ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପହଞ୍ଚିଥିଲା। ଏକ ପ୍ରତିବାଦ ସଭା ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପିଇଓ କମଲ ନାଏକଙ୍କୁ ପ୍ରଦାନ କରାଯାଇଥିଲା। ବାମରା ବ୍ଲକ ସମେତ ଜିଲାରେ ଥିବା ବାଂଲାଦେଶୀ ରୋହିଙ୍ଗ୍ୟାଙ୍କୁ ଚିହ୍ନଟ କରି ବିତାଡିତ କରିବାକୁ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୁନୀଲ ଦାସ, ଉପସଭାପତି ସୁରେଶ ଘୋଷ, ବରିଷ୍ଠ ନେତା ଅରୁଣ ପଟେଲ, ସରପଞ୍ଚ ଲାବଣ୍ୟ ନାଏକ, ଜଗଦୀଶ ନାଏକ, ପୂର୍ବତନ ସରପଞ୍ଚ ଗିରିଶ୍ଚନ୍ଦ୍ର ସାଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଚାଷୀ ପଞ୍ଜୀକରଣ ସମୟ ଅଗଷ୍ଟ ଶେଷ ଯାଏ ବୃଦ୍ଧି କର

ସମ୍ବଲପୁର, ୧୩।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଚାଷୀ ପଞ୍ଜିକରଣ ସମୟକୁ ଆସନ୍ତା ଅଗଷ୍ଟ ଶେଷ ପର୍ଯ୍ୟନ୍ତ ବର୍ଦ୍ଧିତ କରିବାକୁ ଦାବି କରାଯାଇଛି। ମଙ୍ଗଳବାର ଚାଷୀ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଙ୍ଗଠନର କହିବା ଅନୁସାରେ ଚଳିତବର୍ଷ ବିଳମ୍ବିତ ବର୍ଷା ଯୋଗୁ ଚାଷୀଙ୍କ ଚାଷକାମ ବିଳମ୍ବରେ ଆରମ୍ଭ ହୋଇଛି। ବର୍ତ୍ତମାନ ଚାଷୀମାନେ ଚାଷକାମରେ ବ୍ୟସ୍ତ ରହୁଛନ୍ତି। ଏଭଳି ସମୟରେ ସେମାନଙ୍କୁ ବିଭିନ୍ନ ସମବାୟ ସମିତିରେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିବାକୁ ସମୟ ମିଳୁନାହିଁ। ମାତ୍ର ସରକାରଙ୍କ ପକ୍ଷରୁ ଚାଷୀ ନାମ ପଞ୍ଜିକରଣ ପାଇଁ ଶେଷ ସମୟ ସୀମା ଅଗଷ୍ଟ ୧୫ ତାରିଖରେ ଧାର୍ଯ୍ୟ



ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନାରତ ଜିଲା ଚାଷୀ ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତା।

ହୋଇଛି। ଏଭଳି ପରିସ୍ଥିତିରେ ଅନେକ ଚାଷୀ ଚାଷକାମ ଛାଡ଼ି ପଞ୍ଜିକରଣ ପାଇଁ ଯିବାରେ ଆସୁବିଧାର ସମ୍ମୁଖିନ ହୋଇଛନ୍ତି। ଏପରିକି ଅନେକ ଚାଷୀ ନାମ ପଞ୍ଜିକରଣରୁ ବଞ୍ଚିତ ହେବା ଆଶଙ୍କ ଦେଖା ଦେଇଛି। ତେଣୁ ଏହାକୁ ସମ୍ବଲପୁର ଜଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଚାଷୀ ସଙ୍ଗଠନ କର୍ମକର୍ତ୍ତାମାନେ ମଙ୍ଗଳବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ଏନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ପଞ୍ଜିକରଣ ସମୟକୁ ଅଧିକ ୧୫ରୁ ୨୦ ଦିନ ବୃଦ୍ଧି ପାଇଁ ଦାବି ଜଣାଇଥିଲେ। ଏହାକୁ ନେଇ ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି ଯେ, ଜିଲାରେ ପ୍ରାୟ ୬୦ ହଜାର ଚାଷୀ ନାମ ପଞ୍ଜିକରଣ କରିଥାଆନ୍ତି। ଏପର୍ଯ୍ୟନ୍ତ ଜିଲାରେ ପ୍ରାୟ ୪୫ ହଜାରରୁ ଅଧିକ ଚାଷୀ ନାମ ପଞ୍ଜିକରଣ କରି ସାରିଛନ୍ତି। ତେବେ ଆଗକୁ ଆହୁରି ୪ ଦିନ ବାକି ରହିଛି। ତେଣୁ ଏହି ୪ ଦିନ ମଧ୍ୟରେ ଅବଶିଷ୍ଟ ଚାଷୀଙ୍କ ନାମ ପଞ୍ଜିକରଣ ଶେଷ ହୋଇଯିବ ବୋଲି କହିଛନ୍ତି ମୁଖ୍ୟ ଯୋଗାଣ ଅଧିକାରୀ ଟୁଡୁ। ଏଥିରେ ସଙ୍ଗଠନ ସଭାପତି ଉମେଶ ମିଶ୍ର, ତାରିଣୀସେନ ଭୋଇ, ସନତ କୁମାର ମିଶ୍ର, ଦେବେନ୍ଦ୍ର ପ୍ରଧାନ, ଟେକେଶ୍ୱର ପ୍ରଧାନ, ବ୍ୟମୋକେଶ ଠାକୁର, ଗୁପ୍ତେଶ୍ୱର ପ୍ରଧାନ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଏବିଭିପି ପକ୍ଷରୁ ତ୍ରିରଙ୍ଗା ସାଂସ୍କୃତିକ ଶୋଭାଯାତ୍ରା



ବାଇକ୍‌ରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ଏବିଭିପିର ସାଂସ୍କୃତିକ କାର୍ଯ୍ୟକର୍ତ୍ତା।

ସମ୍ବଲପୁର, ୧୩।୮ (ଭବାନୀ ଶଙ୍କର ଭୋଇ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ବଲପୁର ନଗର ତରଫରୁ ମଙ୍ଗଳବାର ୧୦୦ ମିଟର ତ୍ରିରଙ୍ଗା ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇ ଜିଲାପାଳ ଅଫିସ ସମ୍ମୁଖରେ ଶେଷ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟଠାରୁ ଆରମ୍ଭ ହୋଇ ମୁଦିପଡା ଛକ ଦେଇ ଝାଡୁଆପଡା, ନନ୍ଦପଡା, ଦଳେଇପଡା, ମ୍ୟୁନିସିପାଲଟି ଛକ ହେଇ ଶେଷରେ ଜିଲାପାଳ ଅଫିସ ସମ୍ମୁଖରେ ଶେଷ ହେଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ନ. ନାଗାରାଜୁ ଏହି ତ୍ରିରଙ୍ଗା ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ଏଥିରେ ଏବିଭିପି ଓଡ଼ିଶାର ପ୍ରାନ୍ତ ସହ ସଙ୍ଗଠନ ମନ୍ତ୍ରୀ ନିକୁଞ୍ଜ ବିହାରୀ ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରେଇ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଓମପ୍ରକାଶ ପ୍ରଧାନ, ରାଜ୍ୟ ୟୁନିଭର୍ସିଟି ସହ ସଂଯୋଜକ ଯଶବର୍ଦ୍ଧନ ତିୱାରୀ, ସମ୍ବଲପୁର ବିଭାଗ ସଂଯୋଜକ ପ୍ରତିଶ କର, ସମ୍ବଲପୁର ଜଲା ସଂଯୋଜକ ପ୍ରିୟାଂଶୁ ଶେଖର ମେହେର ଉପସ୍ଥିତ ଥିଲେ। ନଗର ସମ୍ପାଦକ ନଗେନ ରାଉତ, ନଗର ମିଡ଼ିଆ ସଂଯୋଜକ ନୀତେଶ ପାଣିଗ୍ରାହୀ, ସ୍ୱାଧୀନ ଆଚାର୍ଯ୍ୟ, ରୋନକ ସାହୁ, ସୁବ୍ରତ କୁମ୍ଭାରଙ୍କ ସହିତ ଅନେକ ଏବିଭିପି କାର୍ଯ୍ୟକର୍ତ୍ତା ସାମିଲ ହୋଇ ଏହି ଶୋଭାଯାତ୍ରାକୁ ସଫଳ କରିଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ବାଇକ୍ ରାଲି

ସମ୍ବଲପୁର, ୧୩।୮ (ପ୍ରମୋଦ ବହିଦାର)

ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ ମଙ୍ଗଳବାର ସମ୍ବଲପୁର ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ର ପକ୍ଷରୁ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗ୍ରୁପ୍ କେନ୍ଦ୍ରର ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ସଞ୍ଜୟ କୁମାର ସିଂ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ସିଆର୍‌ପିଏଫ୍‌ର ଶହେରୁ ଅଧିକ କର୍ମଚାରୀ ସାମିଲ ହୋଇଥିଲେ। ସିଆର୍‌ପିଏଫ୍ କର୍ମଚାରୀଙ୍କ ସହ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ତ୍ରିରଙ୍ଗା ଧରି ଗୋଶାଳାସ୍ଥିତ ଗ୍ରୁପ୍ କେନ୍ଦ୍ରରୁ ବାଇକ୍ ରାଲିରେ ବାହାରି ଚାରପାଲି ଯାଏ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମର ମହାନତାକୁ ସମ୍ମାନ ଦେବା ଓ ଦେଶପାଇଁ ନିଜ ଜୀବନକୁ ବଳି ଦେଇଯାଇଥିବା ଅମର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ନିକଟରେ ଥିବା ବିଭିନ୍ନ ଗ୍ରାମର ଲୋକଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ ତଥା



ସିଆର୍‌ପିଏଫ୍ ଗ୍ରୁପ କେନ୍ଦ୍ରରେ ବାଇକ୍ ରାଲିର ଶୁଭାରମ୍ଭ ପୂର୍ବରୁ ଉଲ୍ଲାସ।

ଦେଶର ସୁରକ୍ଷା, ପ୍ରଗତି ଓ ବିକାଶରେ ସହଭାଗୀ ହେ ଦିଗରେ ସଚେତନତା ଜାଗ୍ରତ କରିବା ପ୍ରୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ। ଆସନ୍ତା ଅଗଷ୍ଟ ୧୪ ତାରିଖରେ ଗ୍ରୁପ୍ କେନ୍ଦ୍ର କ୍ୟାମ୍ପସରୁ କଲାମାଟି ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଗଣଦୌଡ଼ ଅୟୋଜିତ ହେବ। ୧୫ ତାରିଖ ସ୍ୱାଧୀନତା ଦିବସରରେ ଗ୍ରୁପ୍ କ୍ୟାମ୍ପସରୁ ଗୋଶାଲା ବଜାର ଯାଏ ପ୍ରଭାତ ଫେରି କାର୍ଯ୍ୟକ୍ରମ ରହିଛି ବୋଲି ଗ୍ରୁପ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ, ୧୨୦ଙ୍କ ଚକ୍ଷୁ ପରୀକ୍ଷା

ସମ୍ବଲପୁର, ୧୩।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଚାରମାଳ ନିକଟ ବଡ଼ମାଳରେ ଜୟ ଜଗନ୍ନାଥ ୟୁଥ୍ କ୍ଲବ୍ ଅନୁକୂଲ୍ୟରେ ମଙ୍ଗଳବାର ଏକ ରକ୍ତଦାନ ଏବଂ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରର ଉପାନ୍ତ ଅଞ୍ଚଳରେ ଲୋକେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହୁଥିବା ବେଳେ ରକ୍ତ ଦରକାର ସମୟରେ ଗାଁରୁ ବୁର୍ଲାକୁ ଯାଇ ରକ୍ତ ଦେବା ସମ୍ଭବ ହୋଇ ନ ଥାଏ। ତେଣୁ ଲୋକଙ୍କୁ ରକ୍ତଦାନ କରି ଆବଶ୍ୟକ ସମୟରେ ରକ୍ତଦାତା ଭାବେ ପରିଚୟ ଦେଇ ମାଗଣାରେ ଏବଂ ସୁବିଧାରେ ରକ୍ତ ପାଇବାର ବ୍ୟବସ୍ଥା କରିବାକୁ ସଚେତନ କରାଯାଇଥିଲା। ଏହି ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ସମିତି ସଭ୍ୟ ରଞ୍ଜୁ ସାହୁ, ବଡ଼ମାଳ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ସେଠୀ ଓ ବଡ଼ମାଳ ଫାଣ୍ଡି ଅଧିକାରୀ ତପନ କୁମାର ପ୍ରଧାନ ଫିତା କାଟି ଶୁଭାରମ୍ଭ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ସହଯୋଗରେ ମୋଟ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହାସହ ଆୟୋଜିତ ଚକ୍ଷୁ ଶିବିରରେ ୧୨୦ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୫ଜଣଙ୍କ ଅସ୍ତ୍ରୋପଚାର ଆବଶ୍ୟକ ରହିଥିବା ବେଳେ ସେମାନଙ୍କୁ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଥିଲା। ଏହି ଶିବିରକୁ ଜୟ ଜଗନ୍ନାଥ ୟୁଥ୍ କ୍ଲବ ସଭାପତି ଅଶୋକ ବାଘ, ସମ୍ପାଦକ ଗୁପ୍ତେଶ୍ୱର ରଣା ପରିଚାଳନା କରିଥିଲେ। ଶିବର ଆୟୋଜନରେ ବାଦଲ ବିଶ୍ୱାଳ, ଅଜିତ ଶେଠ୍, ରାକେଶ ବିଶ୍ୱାଳ, ରମେଶ ବିଶ୍ୱାଳ, ନରେଶ ମିର୍ଦ୍ଧା,ପରେଶ୍ ଧଳ, ସୁଧୀର ଛନ୍ଦ ,ଦିଲୁ ବାରିକ, ଆଦିତ୍ୟ ମିର୍ଦ୍ଧା, ରଞ୍ଜୁ ସାହୁ, ମୋନୋଜ ବାଘ୍ , କୁନ୍ଦନ ପଣ୍ଡେଇ ବବୁଲୁ ମିର୍ଦ୍ଧା, ଗୁଲୁ ସାହୁ, ରାହୁଲ ବାଘ,ପ୍ରକାଶ ସାହୁ, ରଜତ ଶତପଥୀ, ପଦ୍ମନ୍ ଥପାଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ସହ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର, ୧୩।୮ (ବି.ଶଙ୍କର)

ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହରଘର ତ୍ରିରଙ୍ଗା ଅଭିଯାନ ସମ୍ବଲପୁର ବଡବଜାର ସ୍ଥିତ ଦୁତିକା ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ୪୫୦ ଛାତ୍ରୀଛାତ୍ର ଓ ସାଂସ୍କୃତିକ ଅନୁଷ୍ଠାନ ଲହରୀର କର୍ମକର୍ତ୍ତାମାନେ ବଡବଜାର ଅଞ୍ଚଳ ପରିକ୍ରମା କରିବା ସହ ଅଭିଯାନ ଶୁଭାରମ୍ଭ ହୋଇଥିଲା। ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଲହରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନୃତ୍ୟଗୀତର ପ୍ରଶିକ୍ଷଣ ସହିତ ପ୍ରସ୍ତୁତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଓ କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଲହରୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଥିଲା। ଅଭିଯାନର ଉଦ୍‌ଯାପନୀ ସଭାରେ ସ୍ଥାନୀୟ ଲୋକକଳା ବିଶାରଦ ଡ.ଶ୍ୟାମ ସୁନ୍ଦର ଧର, ଶିବ ପ୍ରସାଦ ମେହେର ଓ ସଙ୍ଗୀତକାର ତଥା ଗୀତିକାର ରତନ ପୂଜାରୀ, ଶିକ୍ଷୟିତ୍ରୀ ମଧୁରୀମା ପାଣିଗ୍ରାହୀ ଓ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ଶୋଭାଯାତ୍ରାର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଲହରୀ ଅଧ୍ୟକ୍ଷା ପଦ୍ମିନୀ ଦୋରାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ଡ. ମୋହିତ ସ୍ୱାଇଁ ମଞ୍ଚ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ ଓ ଲୋକକଳାର ନୃତ୍ୟଗୀତ ପ୍ରସ୍ତୁତ କରାଯାଇଥିଲା।



ମଙ୍ଗଳବାର ସମ୍ବଲପୁର ବଡବଜାର ସ୍ଥିତ ଦୁତିକା ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଗାଁ ସାଥୀଙ୍କ ବିରୋଧରେ ବିଡିଓଙ୍କୁ ଦାବିପତ୍ର

କୁଚିଣ୍ଡା, ୧୩।୮ (ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାଁ ସାଥୀମାନେ ମନୋମୁଖୀ କାର୍ଯ୍ୟ କରୁଥିବା ନେଇ ମଙ୍ଗଳବାର ଶ୍ରମିକମାନେ ବିଡିଓଙ୍କୁ ଫେରାଦ ହୋଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ବାଙ୍କେ ପଞ୍ଚାୟତର ବାବୁମଲଟି, ବାଙ୍କେ ଓ କଟୁପାଲି ଆଦି ଗ୍ରାମରେ ଏହି ଗାଁ ସାଥୀମାନେ ପ୍ରସ୍ତାବିତ ପ୍ରକଳ୍ପରେ କାମ ନକରି ଅନ୍ୟ ପ୍ରକଳ୍ପରେ କାମ କରାଇଛନ୍ତି। ଫଳରେ କାମ କରୁଥିବା ପ୍ରକୃତ ଶ୍ରମିକଙ୍କୁ ପ୍ରାପ୍ୟ ନ ଦେଇ ଅନ୍ୟ ଶ୍ରମିକଙ୍କ ନାମରେ ଅର୍ଥ ହଡ଼ପ ହୋଇଥିବା କୁହାଯାଇଛି। ଅନ୍ୟ ପକ୍ଷରେ କାମ କରୁଥିବା ଶ୍ରମିକଙ୍କ ନାମରେ ମଷ୍ଟରରୋଲ ବାହାର ନ କରି ନିଜ ଲୋକଙ୍କ ଆକାଉଣ୍ଟ ଦେଇ ଟଙ୍କା ଉଠାଇ ନେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଫଳରେ ଶ୍ରମିକମାନେ ମଜୁରି ପାଇଁ ପଞ୍ଚାୟତ ଓ ବ୍ଲକକୁ ଦୌଡି ନୟାନ୍ତ ହେଲେଣି। ତେଣୁ ତୁରନ୍ତ ସମ୍ପୃକ୍ତ ଗାଁ ସାଥୀଙ୍କ ବିରୋଧରେ ପଦକ୍ଷେପ ନେବାସହ ବଦଳି ଦାବି କରିଛନ୍ତି। ବିଡିଓ ନିରଞ୍ଜନ ସା ଏଦିଗରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ସମୀର କଉଡି, ସୂର୍ଯ୍ୟ କିଷାନ, ଜଗନ୍ନାଥ ପୃଷେଠ, ଦୁଃଖବନ୍ଧୁ କିଷାନ, ସୁଜିତ ଗୌଡ, ଶଶି କିଷାନ, ସ୍ୱପ୍ନେଶର କିଷାନ, ଅଜିତ ଷଣ୍ଢ, ଅତୁଲ୍ୟ ଷଣ୍ଢ, ସୁଗ୍ରୀ କିଷାନ, ବସନ୍ତ ମାଝି, ଜଗବନ୍ଧୁ ସୁକୁଲା, ସୁବ୍ରତ ନାଏକ, ମାନସ ନାଏକ, ବିଦ୍ୟାଧର ଧୂରୁଆ ସାମିଲ ଥିଲେ।



ବ୍ଲକ ଅଫିସକୁ ଦାବିପତ୍ର ଦେବାକୁ ଆସିଥିବା ଶ୍ରମିକ।

## ନିଶାମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ର ବାହକ ହୁଅନ୍ତୁ

### କୁଚିଣ୍ଡା କଲେଜରେ ନିଶା ନିବାରଣ ଶପଥ ପାଠ

କୁଚିଣ୍ଡା, ୧୩।୮ (ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ଆଭ୍ୟନ୍ତରୀଣ ମାନ ନିର୍ଦ୍ଧାରଣ ପ୍ରତିବଦ୍ଧତା ଶାଖା ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ, ସୁମନ୍ତ ପଟେଲ, ପ୍ରମୋଦ ରଞ୍ଜନ ଦାଶ, ଅଧ୍ୟାପକ ଡ.ଦିଲୀପ ନନ୍ଦ, କିରଣ ମହାପାତ୍ର, ପ୍ରଭାସ ଦାସ, ଦେବଦତ୍ତ ଭୋଇ, ଭିକାରୀ ଓରାମ, ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ, ବେଲମତୀ କୁମୁରା, ରୀତୁପ୍ରିୟା ନାଏକ, ମମତା ସାହୁ ଯୋଗଦେଇ ଅଳ୍ପ ବୟସରୁ ନିଶାସକ୍ତ ହୋଇ ଛାତ୍ରୀଛାତ୍ରମାନେ ବିପଥଗାମୀ ହେଉଥିବା କହିଥିଲେ। ତେଣୁ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନେ ମୁଖ୍ୟ ବାହକ ହେବାକୁ ଶପଥ ଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏନେଇ ଏକ ପାଠଚକ୍ର ହୋଇଥିଲା। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ସୁଷମା କର ତମଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବ୍ୟବହାର ଓ ତାର କୁପରିଣାମ ଶୀର୍ଷକରେ ଏକ ନିବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ହୋଇଥିବା ନିଶା ନିବାରଣ ଉପରେ ପ୍ରତିଯୋଗିତାର କୃତୀ ପ୍ରତଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଆଭ୍ୟନ୍ତରୀଣ ମହାପାତ୍ର ପ୍ରତିବଦ୍ଧତା ଶାଖା ସଂଯୋଜିକା ସୁଭଦ୍ରା ଦାସ ପରିଚାଳନା କରିଥିଲେ। ଅଧ୍ୟାପକ ଟିକେଶ୍ୱର ଘୁଘର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## କବିତା ଆବୃତ୍ତି, ବକ୍ତୃତା ପ୍ରତିଯୋଗିତା

### ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ

ସମ୍ବଲପୁର, ୧୩।୮ (ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କବିତାବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସଭାପତି ଡ. ପରେଶ ଦାନୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କବିତାବୃତ୍ତି ପ୍ରତିଯୋଗିତାରେ ବିଦ୍ୟାଳୟ ବର୍ଗରେ ଅରବିନ୍ଦ ସ୍କୁଲର ସୁଶ୍ରୀ ଶ୍ରଦ୍ଧା ମିଶ୍ର ଓ ମନମୋହନ ବେହେରା ଯୁଗ୍ମ ଭାବେ ପ୍ରଥମ, ଚିନ୍ମୟୀ ସାହୁ ଦ୍ୱିତୀୟ, ବିକାଶ ସ୍କୁଲର ସୌମ୍ୟା ମିଶ୍ର ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟ ବର୍ଗରେ ନିଉଟନ ସ୍କୁଲର ରୀତିକା ସାହୁ ପ୍ରଥମ, ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟର ରୋହନ୍ ବନଛୋର ଦ୍ୱିତୀୟ, ମହିଳା ମହାବିଦ୍ୟାଳୟର କାବ୍ୟଶ୍ରୀ ଦଳବେହେରା ତୃତୀୟ ହୋଇଛନ୍ତି। ବିଚାରକଭାବେ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ, ଡ. ଶ୍ୟାମ ସୁନ୍ଦର ଧର, ସଙ୍ଗୀତଜ୍ଞ ମୋତିଲାଲ ଦୋରା, ସନ୍ତୋଷ ମିଶ୍ର ଓ ତ୍ରିଲୋଚନ ତ୍ରିପାଠୀ ଯୋଗ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାର ବର୍ଗରେ ସେଭେନ ହିଲ୍ସ ବିଦ୍ୟାଳୟର ମୃଣ୍ମୟୀ ପ୍ରଧାନ ପ୍ରଥମ, ଧନକଉଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିବାନୀ ବାଗ ଦ୍ୱିତୀୟ, ଲେଡି ବାଳିକା ବିଦ୍ୟାଳୟ ଅଂଶିକା ପ୍ରଧାନ ତୃତୀୟ ହୋଇଥିଲେ। ମହାବିଦ୍ୟାଳୟ ବର୍ଗରେ ନିଉଟନ ମହାବିଦ୍ୟାଳୟର ନବୀନ ଭୋଇ ପ୍ରଥମ, ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟର ରୋହନ୍ ବନଛୋର ଦ୍ୱିତୀୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଜ୍ୟୋତିର୍ମୟୀ ପ୍ରଧାନ ତୃତୀୟ ହୋଇଥିଲେ। ଏଥିରେ ବିଚାରକ ଭାବେ ଡ. ସଙ୍ଗୀତା ନାଏକ, ଡ. ସ୍ୱୟଂ ପ୍ରକାଶ ପଣ୍ଡା, ଡ. ରାମେଶ୍ୱର ପୁରୋହିତ, ଡ. ରମେଶ ଚନ୍ଦ୍ର ମିର୍ଦ୍ଧା ରାଜେନ୍ଦ୍ର ପଣ୍ଡା ଓ ହୃଷୀକେଶ ପୂଜାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ହୋତା, ଲଳିତ ବେବର୍ତ୍ତା, ବୋଧରାମ ଦାଶ, ଅଶୋକ ମିଶ୍ର, ଦେବେନ୍ଦ୍ର ପଟେଲ, ଦିଲୀପ ବଘାର, କୈଳାଶ ମିଶ୍ରୀ ସହଯୋଗ କରିଥିଲେ। ଚଳିତ ମାସ ୧୯ ତାରିଖ ଗଙ୍ଗାଧର ଜୟନ୍ତୀରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ। କଳ୍ପନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କବିତା ଆବୃତ୍ତି ଏବଂ ବକ୍ତୃତା ପ୍ରତିଯୋଗିତାରେ ବିଚାରକ, କର୍ମକର୍ତ୍ତାଓ ପ୍ରତିଯୋଗୀମାନେ।

